EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ବର୍ଷ-୧ ସଂଖ୍ୟା-୧ ୧୬-୨୨ ଜାନୁଆରୀ, ୨୦୧୭ ଭୁବନେଶ୍ୱର • WEEKLY • Vol-1 Issue-1 16th-22nd January, 2017 Bhubaneswar 5.00 (8 Pages)

## ଭିତର ପୃଷ୍ଠାରେ...

ପୃଷ୍ଠା ୨ : ସେଲ୍‌ଫି ମାନିଆ





ପୃଷ୍ଠା ୩ : ବସ୍ତି ଉଚ୍ଛେଦ ନୁହେଁ, ବିକାଶ ହେବ

ପୃଷ୍ଠା ୬ : ଗ୍ଲୋରୀକୁଇନ୍



# ଆଗକୁ କଡ଼ାମୁକାବିଲା

**ଭୁବନେଶ୍ୱର (ବ୍ୟୁରୋ) :** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଗତ ବୁଧବାର ଦିନ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଗୋଟିଏ ଜିଲ୍ଲା ପରିଷଦ ଆସନ ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାପରିଷଦ ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲିଛି । ସୂଚନାଯୋଗ୍ୟ, ରାଜ୍ୟରେ ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ପରେ ପ୍ରାର୍ଥୀ ହେବାକୁ ଆଶାୟୀମାନଙ୍କ ଭିଡ଼ ଲାଗିଥିଲା । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଶାୟୀଙ୍କ ମଧ୍ୟରୁ ଅଧିକାଂଶ ଶାସକ ବିଜୁ ଜନତା ଦଳ (ବିଜେଡି) ଟିକେଟରେ ଲଢ଼ିବା ପାଇଁ ଆଗ୍ରହ ଦେଖାଇଥିଲେ । ଫଳରେ ନିର୍ବାଚନକୁ ନେଇ ବିଜେଡି ଶିବିର ସରଗରମ । ସେହିଭଳି ବିଜେଡି ପରେ ଆଶାୟୀଙ୍କ ଦ୍ୱିତୀୟ ପସନ୍ଦରେ ଭାରତୀୟ ଜନତା ପାର୍ଟି (ବିଜେପି) । କିଛି ଆଶାୟୀ ବିଜେପି ଟିକେଟକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରୁଛନ୍ତି । କାରଣ କେନ୍ଦ୍ରରେ ଧର୍ମେନ୍ଦ୍ର ପ୍ରଧାନ ମନ୍ତ୍ରୀ ଥିବାରୁ ଓଡ଼ିଶା ବିଜେପିକୁ ଆଗେଇ ନେବା ପାଇଁ ଆପ୍ରାଣ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି । ହେଲେ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ଭିନ୍ନଢଙ୍ଗରେ ଗୋଟିଚାଳନା କରି ପଞ୍ଚାୟତ ନିର୍ବାଚନରେ ନିଜର ସ୍ଥିତି ଜାହିର କରିବା ସହ ଭୋଟ୍‌ହାରରେ ପରିବର୍ତ୍ତନ ଆଣି ନିଜ ଦଳର ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ନୂଆ ନୂଆ ରଣକୌଶଳ ପ୍ରୟୋଗ କରୁଛନ୍ତି । ତେବେ ସେ ଯାହାହେଉନା କାହିଁକି, ଓଡ଼ିଶାରେ ଦୀର୍ଘବର୍ଷ ହେବ ଶାସନ କ୍ଷମତାକୁ ହାତମୁଠାରେ ରଖିଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଏଯାଏଁ ଗ୍ରାମାଞ୍ଚଳରେ ମଳିନ ପଡ଼ି ନଥିବା ଜଣାପଡ଼ୁଛି । ତେଣୁ ଆଶାୟୀଙ୍କର ବେଶୀ ଆଶା ରହୁଛି ବିଜେଡି ଉପରେ । କାରଣ ଲୋକପ୍ରିୟତା ଦୃଷ୍ଟିରୁ ସବୁଦଳ ଅପେକ୍ଷା ଏବେ ବି ବିଜେଡି ନିଜର ସ୍ଥିତିକୁ ସୁଦୃଢ଼ କରି ରଖିପାରିଛି । ତେବେ ଅନ୍ୟାନ୍ୟ ରାଜନୈତିକ ଦଳ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିନାହାନ୍ତି । ସେମାନେ ପଞ୍ଚାୟତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ କରି ସେମାନଙ୍କୁ ଜିତାଇବା ନିମନ୍ତେ ବିଭିନ୍ନ ରଣକୌଶଳ ନିର୍ଦ୍ଧାରଣ କରୁଛନ୍ତି । ତେବେ ଦେଖାଯାଉ, ପୂର୍ବପରି ଶାସକ ବିଜେଡି ପଞ୍ଚାୟତ ଦଖଲରେ ସଫଳ ହେଉଛି ନା ବିଜେପି ଏହାକୁ ଚେକ୍ ଦେଉଛି ତାହା ନିର୍ବାଚନ ଫଳାଫଳ ପରେ ଜଣାପଡ଼ିବ । କିନ୍ତୁ ଦଳୀୟ ପ୍ରାର୍ଥୀଙ୍କୁ ଯେକୌଣସି ପ୍ରକାରେ ଜିତାଇବା ପାଇଁ ବିଜେଡି ସୁପ୍ରିମୋ ନବୀନ ବାବୁ ଦଳର ନେତାମାନଙ୍କୁ ଚରମବାଣୀ ଶୁଣାଇ ସାରିଛନ୍ତି । ତେଣୁ ପଞ୍ଚାୟତ ନିର୍ବାଚନରେ ବିଜେଡିର ରଣନୀତି କ'ଣ ହେବ, ତାହାକୁ




ଲୋକେ ଚାହିଁ ବସିଛନ୍ତି । ହେଲେ ଏସବୁ ସତ୍ତ୍ୱେ ଶାସକ ବିଜେଡିର ଦୁର୍ନୀତି, ଭ୍ରଷ୍ଟାଚାର ଓ ଏକଚାଟିଆ ମନୋଭାବ ବିରୋଧରେ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ବିଜେଡିକୁ କଡ଼ା ମୁକାବିଲା କରିବା ସହିତ ପଞ୍ଚାୟତ ନିର୍ବାଚନରେ ପଛକୁ ଠେଲିଦେବେ ବୋଲି ଚର୍ଚ୍ଚା ମଧ୍ୟ ଚାଲିଛି ।

ସୂଚନାଯୋଗ୍ୟ, ରାଜ୍ୟରେ ପଞ୍ଚାୟତ ନିର୍ବାଚନ ନିମନ୍ତେ ଗତ ଡିସେମ୍ବର ୨୭ରେ ରାଜ୍ୟ ନିର୍ବାଚନ କମିଶନର ଡ. ରବିନାରାୟଣ ସେନାପତି ତାରିଖ ଘୋଷଣା କରିବା ପରେ ପଞ୍ଚାୟତ ଲଢ଼େଇ ପାଇଁ ସମସ୍ତ ରାଜନୈତିକ ଦଳ ଲଢ଼େଇ ପାଇଁ ପୁରା ଦମ୍‌ରେ ପ୍ରସ୍ତୁତ ହୋଇରହିଛନ୍ତି । ଆଗାମୀ ଫେବୃଆରୀ ୧୩ ତାରିଖରୁ ୨୧ ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବା ସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇଛି । ୧୩, ୧୫, ୧୭, ୧୯ ଓ ୨୧ ତାରିଖ ଦିନ ଭୋଟ୍ ଗ୍ରହଣ କରାଯିବ । ଏ ନେଇ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି ଏବଂ ଏହା ଫେବୃଆରୀ ୨୧ ଯାଏଁ ବଳବତ୍ତର ରହିବ । ଏଥିସହ ମାର୍ଚ୍ଚ ୧୧ରେ ବ୍ଲକ୍ ଓ ୧୨ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ କରାଯିବ ।

ନିର୍ବାଚନ ପାଇଁ ଜାନୁଆରୀ ୬ରୁ ନାମାଙ୍କନପତ୍ର ଆହ୍ୱାନ ନୋଟିସ୍ ଜାରି କରିଥିଲେ ରାଜ୍ୟ ନିର୍ବାଚନ କମିଶନ । ସକାଳ ୭ଟାରୁ ଭୋଟ୍ ଗ୍ରହଣ ହୋଇ ଅପରାହ୍ନ ୧ଟା ପରେ ଗଣତି କାର୍ଯ୍ୟ ଆରମ୍ଭ କରାଯିବ । ଏଥିପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ପଞ୍ଚାୟତ ନିର୍ବାଚନକୁ ଅଧିକ ସ୍ୱଚ୍ଛ ଓ ସମ୍ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିବା ନିମନ୍ତେ କମିଶନ ସବୁପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ତେବେ ଏହି ନିର୍ବାଚନରେ ରାଜ୍ୟର ଗୋଟିଏ ପଞ୍ଚାୟତ ଓ ୬ଟି ପଞ୍ଚାୟତ ସମିତିରେ ନିର୍ବାଚନ ହେବ ନାହିଁ । ଜଗତସିଂହପୁର ଜିଲ୍ଲା ଢିଙ୍କିଆ ପଞ୍ଚାୟତର ସରପଞ୍ଚ ଏବଂ ୨୩ଟି ୱାର୍ଡ଼ର କାର୍ଯ୍ୟକାଳ ପୂରଣ ହୋଇ ନଥିବାରୁ ସେଠାରେ ନିର୍ବାଚନ ହେବ ନାହିଁ । କିନ୍ତୁ ଢିଙ୍କିଆ ପଞ୍ଚାୟତର ପଞ୍ଚାୟତ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଭ୍ୟ ପଦ ପାଇଁ ଭୋଟ୍ ଗ୍ରହଣ କରାଯିବ । ଏତଦ୍‌ବ୍ୟତୀତ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ ଯୋଗୁଁ ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ପଞ୍ଚାୟତ ସମିତି,

• ପୃ-୬

# ସ୍ମାର୍ଟସିଟି : ଏଣିକି ସ୍ମାର୍ଟ ସିଟିବସ୍

**ଭୁବନେଶ୍ୱର (ବ୍ୟୁରୋ) :** ସ୍ୱପ୍ନବିଭୋର ରାଜଧାନବାସୀଙ୍କୁ ଏଣିକି ହାଇଫାଇ ସିଟିବସ୍‌ରେ ଯାତାୟାତ କରିବାର ସୁଯୋଗ ମିଳିବ । ବିଦେଶ ଭଳି ଭୁବନେଶ୍ୱରରେ ଗଡ଼ିବ ସ୍ମାର୍ଟବସ୍ । ଏଭଳି ଅପୂର୍ବ ସୁଯୋଗ ଆଣିଦେବ ଭୁବନେଶ୍ୱର-ପୁରୀ ସିଟିବସ୍ ସେବାରେ ନିୟୋଜିତ ସଂସ୍ଥା ବିପିଟିସିଏଲ୍ । ଖୁବ୍‌ଶୀଘ୍ର ସ୍ମାର୍ଟସିଟିରେ ସିଟିବସ୍ ସେବାରେ ନବକଳେବର ହେବାର ଆଶା ଦେଖାଦେଇଛି । ଏଥିପାଇଁ ପୂରା ବ୍ୟବସ୍ଥାର ପରିବର୍ତ୍ତନ କରାଯାଇ ସିଟିବସ୍ ଯାତ୍ରୀଙ୍କୁ ଅତ୍ୟାଧୁନିକ ସେବା ମିଳିବ । ସହରର କୋଣଅନୁକୋଣରେ ପହଞ୍ଚିବ ଏହି ସ୍ମାର୍ଟବସ୍ । ଭିନ୍ନ ଭିନ୍ନ ପରିବେଶକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ବସ୍ ପ୍ରଚଳିତ ହେବ । କେଉଁ ରୁଟ୍‌ରେ ସିଏନ୍‌ଜିଚାଳିତ ବସ୍ ତ ପୁଣି କେଉଁଠି ଇଲେକଟ୍ରିକ୍ ବସ୍ । ଉଭୟ ଡିଜେଲ ଓ ଇଲେକ୍‌ଟ୍ରିକ୍‌ରେ ଚାଲିବା ଭଳି ହାଇବ୍ରିଡ୍ ବସ୍‌ଗୁଡ଼ିକ ଏଠାରେ ଚଳାଚଳ କରିବ ।

ସିଟିବସ୍ ସେବାର ଆଧୁନିକୀରଣ ପାଇଁ ଅଣ୍ଟା ଭିଡ଼ିଛି ଭୁବନେଶ୍ୱର-ପୁରୀ ଟ୍ରାନ୍ସପୋର୍ଟ ସର୍ଭିସ୍ ଲିମିଟେଡ୍ । ଆଇଆଇଟି ଭୁବନେଶ୍ୱର ସହାୟତାରେ ଏ ନେଇ ସର୍ବେକ୍ଷଣ କରାଯାଇଥିଲା । ଏଥିରୁ ଜଣାପଡ଼ିଛି, ଗତ ୫ ବର୍ଷ ଭିତରେ ରକ୍ଷଣାବେକ୍ଷଣ ଅଭାବରୁ ସିଟିବସ୍ ସେବା ପ୍ରଭାବିତ ହୋଇଛି । ଚୁକ୍ତିନାମାରେ ଥିବା ଦୁର୍ବଳତାର ସୁଯୋଗ ନେଇ ସିଟିବସ୍ ଅପରେଟର ସେବା ପ୍ରଦାନରେ ଅବହେଳା କରିଛି । ରିପୋର୍ଟରେ କୁହାଯାଇଛି, ସିଟିବସ୍ ସେବାର ଉନ୍ନତି ଆଣିବାକୁ ହେଲେ ବସ୍‌ସଂଖ୍ୟା ବଢ଼ାଇବାକୁ ହେବ ଓ ଭିତ୍ତିଭୂମିର ଆଧୁନିକରଣ କରିବାକୁ ପଡ଼ିବ ।

ସିଟିବସ୍ ସେବାର ଆଧୁନିକୀକରଣ ପାଇଁ ଖୁବ୍‌ଶୀଘ୍ର କନସଲ୍‌ଟାଣ୍ଟ ନିଯୁକ୍ତ ହେବେ । ନିକଟରେ ଏ ନେଇ ବିପିଟିଏସଏଲ୍ ପକ୍ଷରୁ ଆରଏଫପି ଆହ୍ୱାନ କରାଯାଇଛି । କନସଲଟାଣ୍ଟ ଆସନ୍ତା ୬ ମାସ ମଧ୍ୟରେ ଡିପିଆର୍ ପ୍ରସ୍ତୁତ କରିବେ । ବିପିଟିଏସ୍‌ଏଲ୍‌ର ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ପ୍ରସ୍ତାବିତ ଯୋଜନାରେ ସିଟି ବସ୍ ପରିଚାଳନାରେ ଏଣିକି ଘରୋଇ ଅପରେଟର ମନମାନି ରହିବନି । ବସ୍‌ସେବା ଉପରେ ବିପିଟିଏସ୍‌ଏଲ୍‌ର ନିୟନ୍ତ୍ରଣ ଅଧିକ ରହିବ । ସେବାର ମାନ ଅନୁଯାୟୀ ଅପରେଟରକୁ ପେମେଣ୍ଟ ଦିଆଯିବ । ଆର୍ଥିକ ଦିଗରେ ବି ସଂସ୍କାର ଅଣାଯିବ । ସିଟିବସ୍ ଭଡ଼ା, ବିଜ୍ଞାପନ ଓ ପାଣି ଯୋଗାଡ଼ ପାଇଁ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ ହେବ । ଜାତୀୟ ସହରାଞ୍ଚଳ ପରିବହନ ନୀତି ଢାଞ୍ଚାରେ ଏହାକୁ ପ୍ରସ୍ତୁତ କରାଯିବ । ସିଟିବସ୍ ପାଇଁ ଯାହା ବି ଯୋଜନା ହେବ, ଆଗାମୀ ୧୦ ବର୍ଷରେ ରାଜଧାନୀର ପରିବହନ କ୍ଷେତ୍ରରେ ବିଭିନ୍ନ ସମ୍ଭାବନାକୁ ଦୃଷ୍ଟିରେ ରଖାଯିବ । ସହର ଉନ୍ନୟନ ଯୋଜନା, ବସ୍ ରାପିଡ୍ ଟ୍ରାନ୍‌ଜିଟ୍ ସିଷ୍ଟମ ଓ ଇଲେକ୍ଟ୍ରୋନିକ୍ସ ଟିକେଟିଂ ମେସିନ୍ ଆଦି ଯୋଜନାକୁ ଅନୁଧ୍ୟାନ କରି ସିଟିବସ୍ ନବକଳେବର ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେବ । ପ୍ରସ୍ତାବିତ ଯୋଜନା ଅନୁଯାୟୀ ସ୍ମାର୍ଟସିଟିରେ ପରିବବେଶକୁ ସୁହାଇଲା ଭଳି ବସ୍ ଚାଲିବ । ପ୍ରଦୂଷଣ ମାତ୍ରା ହ୍ରାସ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସିଏନ୍‌ଜି, ଇଲେକଟ୍ରିକ୍ ନା ହାଇବ୍ରିଡ୍ ବସ୍ ଚଳାଇବାକୁ ଯୋଜନା ଅଛି । ଏଥିରୁ ଭୁବନେଶ୍ୱର ପାଇଁ କେଉଁ ବସ୍ ପ୍ରଯୁଜ୍ୟ ହେବ, ସେ ନେଇ କନସଲଟାଣ୍ଟ ପରାମର୍ଶ ଦେବ । ବସ୍ ଡିପୋରେ ଗ୍ରୀନ୍ ବିଲ୍ଡିଂ ନିର୍ମାଣ ହେବ । ଡିପୋ ଓ ଟର୍ମିନାଲରେ ଅଣପାରମ୍ପରିକ ବିଜୁଳି ଶକ୍ତି ବ୍ୟବହାର ସହ ଜଳର ପୁନଃ ପ୍ରକ୍ରିୟାକରଣ ଯୋଜନା ରହିଛି । ସୂଚନାଯୋଗ୍ୟ, ୨୦୧୦ ଅକ୍ଟୋବର ୧୦ରୁ ସିଟିବସ୍ ସେବା ଆରମ୍ଭ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୮୫ଟି ବସ୍ କିଣା ଯାଇଛି । ହେଲେ ସବୁ ବସ୍ ଗଡୁନି । ୨୦ଟି ନୂଆ ବସ୍ ଅକାମୀ ହୋଇ ଡିପୋରେ ଖତ ଖାଉଥିବା ବେଳେ ଯେତିକି ଚାଲୁଛି, ସେଗୁଡ଼ିକର ଅବସ୍ଥା ବି ଅତ୍ୟନ୍ତ ଶୋଚନୀୟ । ପୋଖରୀପୁଟରେ ଏକମାତ୍ର ଡିପୋ ଥିବାବେଳେ ମାଷ୍ଟରକ୍ୟାଣ୍ଟିନରେ ମୁଖ୍ୟ ଟର୍ମିନାଲ ରହିଛି । ଦୈନିକ ୩୩ ହଜାର ଯାତ୍ରୀ ସିଟିବସ୍ ବ୍ୟବହାର କରୁଛନ୍ତି । ବର୍ଷକୁ ମାତ୍ର ୨% ଯାତ୍ରୀ ବଢୁଥିବା ଜଣାପଡ଼ିଛି । ଏମିତିରେ ସ୍ମାର୍ଟସିଟି ଯୋଜନାରେ ଆହୁରି ୪୦୦ ନୂତନ ବସ୍ କିଣିବା ନେଇ ଘୋଷଣା କରାଯାଇଛି । ମାତ୍ର ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ନଥିବା କୁହାଯାଉଛି । ସିଟିବସ୍ ସେବାକୁ ୬ ବର୍ଷ ପୂରିଥିଲେ ମଧ୍ୟ ଏଯାଏଁ ଲୋକଙ୍କ ଚାହିଦା ମୁତାବକ ସେବା ଯୋଗାଇ ପାରୁନି । ତେଣୁ ସିଟିବସ୍ ସେବାର ସମ୍ପୂର୍ଣ୍ଣ ନବକଳେବର ଯୋଜନା ଆରମ୍ଭ ହୋଇଯାଇଛି ।



# ସିବିଆଇ ପରେ ଭିଜଲାନ୍ସ ନାଟ

**ଭୁବନେଶ୍ୱର :** ତେଲଟାଙ୍କିରେ ଅପମିଶ୍ରଣ, ମାପ ଓ ଓଜନ ଠକେଇ ଅଭିଯୋଗରେ ଭିଜିଲାନ୍ସ, ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୭ଟି ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସି ଉପରେ ଶନିବାର ରାଜ୍ୟବ୍ୟାପୀ ଚଢ଼ଉରେ ବିଭିନ୍ନ ବିଭାଗର ବହୁ କର୍ମଚାରୀ ସାମିଲ ହୋଇଛନ୍ତି ।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜୟପୁରର ପ୍ରକାଶ ଏ□କୋ ପେଟ୍ରୋଲ ପମ୍ପରେ ୨୬୨ ଲିଟର ଡ଼ିଜେଲ୍ କମ୍ ଥିବା ଏବଂ ଗ୍ରାହକଙ୍କୁ ୧୦୦୦ ମିଲିଲିଟର ବଦଳରେ ୯୯୮ ମିଲିଲିଟର ପେଟ୍ରୋଲ ଦିଆଯାଉଥିବା ଚଢ଼ଉ ବେଳେ ସୂଚନା ମିଳିଛି । ସେହିପରି ତନଭିର୍ ପେଟ୍ରୋଲ ପମ୍ପରେ ୩୩ ଲିଟର ଅଧିକ ଏକ୍ସଟ୍ରା ପ୍ରିମିୟମ ଓ ୩୩ ଲିଟର କମ୍ ପେଟ୍ରୋଲ ଥିବା ସୂଚନା ମିଳିଛି ।

ନବରଙ୍ଗପୁର ଦୀକ୍ଷା ପେଟ୍ରୋଲ ପମ୍ପ୍‌ରେ ୬୪ ଲିଟର ଡ଼ିଜେଲ ଓ ୫୪ ଲିଟର ପେଟ୍ରୋଲ କମ୍ ଥିବାବେଳେ ଗ୍ରାହକଙ୍କୁ ପ୍ରତି ଲିଟରରେ ୪ ମିଲିଲିଟର କମ୍ ପେଟ୍ରୋଲ ଦିଆଯାଉଥିବା ଜଣାପଡ଼ିଛି । ସୋହେଲାର ହିନ୍ଦୁସ୍ଥାନ ଫୁଏଲ ଗ୍ରାହକଙ୍କୁ ପ୍ରତି ଲିଟରରେ ୧୬ ମିଲିଲିଟର କମ୍ ପେଟ୍ରୋଲ ଦେଉଥିବା ଅଭିଯୋଗରେ ମାପ ଓଜନ ବିଭାଗ ପକ୍ଷରୁ ୬୦୦୦ ଟଙ୍କା ଜୋରିମାନେ କରାଯାଇଛି । ଶାସନ ପେଟ୍ରୋଲ ପମ୍ପରେ ୨୧୬ ଲିଟର ଡ଼ିଜେଲ୍ ଓ ୬୪ ଲିଟର ପେଟ୍ରୋଲ କମ୍ ଥିବାବେଳେ ତାଳଚେରର ସୂର୍ଯ୍ୟ ଫିଲିଂ ଷ୍ଟେସନରେ ୪୫ ଲିଟର ଡ଼ିଜେଲ କମ୍ ରହିଛି । ଏହା ଏକ ନିୟମିତ ଚଢ଼ଉ ବା ଯାଞ୍ଚ ପ୍ରକ୍ରିୟା ଓ ଅଭିଯୋଗ ଆଧାରରେ ଏହି ଚଢ଼ଉ ଅବ୍ୟାହତ ରହିବ ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ବଢ଼ିଲା ରାଜନୀତି

**ଭୁବନେଶ୍ୱର :** ବିଜେଡ଼ି ସାଂସଦ, ବିଧାୟକଙ୍କ ସହ କିଛି ନେତାଙ୍କ ଘରେ ସିବିଆଇ ଚଢ଼ଉ ରାଜ୍ୟରେ ରାଜନୈତିକ ହଟଚମଟ ସୃଷ୍ଟି କରିଥିବାବେଳେ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭାଇ ସୌମେନ୍ଦ୍ର ପ୍ରଧାନଙ୍କ ଗ୍ୟାସ ଏଜେନ୍ସି ସହ ବିଭିନ୍ନ ପେଟ୍ରୋଲ ପମ୍ପରେ ଭିଜିଲାନ୍ସ, ଯୋଗାଣ, ମାପ ଓ ଓଜନ ବିଭାଗ ପକ୍ଷରୁ ମିଳିତ ଚଢ଼ଉକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ସିବିଆଇ ଚଢ଼ଉ ପ୍ରସଙ୍ଗରେ ବିଜେଡ଼ିର ଯୁବ ଓ ଛାତ୍ରବାହିନୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁ□ଳିକା ପୋଡ଼ିବା ସହ ଚଢ଼ଉ ପଛରେ କେନ୍ଦ୍ର ଓ ବିଜେପିର ହାତଥିବା ଅଭିଯୋଗ କରିଥିଲା । ଏବେ ଭିଜିଲାନ୍ସ ଓ ଯୋଗାଣ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଚଢ଼ଉ ସିବିଆ ଚଢ଼ଉର ପ୍ରତିଫଳନ ବୋଲି ବିଜେପି ଶିବିର ଅଭିଯୋଗ କରିଛି ।




# ଆଇନ୍ ନୁହେଁ, ସଚେତନତା ଲୋଡ଼ା

॥ ଲଳିତ କିଶୋର ତ୍ରିପାଠୀ ॥

ଭୁବନେଶ୍ୱର

ବିଗତ କିଛିବର୍ଷ ମଧ୍ୟରେ ଆମ ଦେଶରେ ଦୁଇଚକିଆଠୁ ଆରମ୍ଭ କରି ଚାରିଚକିଆ ଯାନର ବ୍ୟବହାର ମାତ୍ରାଧିକ ଭାବେ ବୃଦ୍ଧି ଘଟିଛି । କିନ୍ତୁ ସଡ଼କ ସୁରକ୍ଷା କ୍ଷେତ୍ରରେ ଏଥିପାଇଁ ଯେଉଁଭଳି ସଚେତନତା ବୃଦ୍ଧି ପାଇବା କଥା, ତାହା ସମ୍ଭବ ହୋଇପାରୁ ନାହିଁ । ଯାହାଫଳରେ ଦିନକୁ ଦିନ ଦୁର୍ଘଟଣାର ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଛି । ଏହାର ଦୁଃଖଦ ପରିସ୍ଥିତି ସମସ୍ତଙ୍କୁ ହତଚକିତ କରୁଛି । ଗତ ୧ ଜାନୁଆରୀ ୨୦୧୩ରୁ ୨୮ ଜୁନ୍ ୨୦୧୬ ମଧ୍ୟରେ ୧,୪୫୩ ଜଣ ବାଇକ୍‌ଚାଳକ ହେଲମେଟ୍ ନପିନ୍ଧିବା ଯୋଗୁଁ ମୃତ୍ୟୁବରଣ କରିଛନ୍ତି । ଏଭଳି ସ୍ଥିତି ସମସ୍ତଙ୍କୁ ବ୍ୟଥିତ କରୁଥିଲା ବେଳେ ଏ କ୍ଷେତ୍ରରେ ଥିବା ଆଇନକୁ କଡ଼ାକଡ଼ି ପାଳନ କରା ନଯିବା ହେତୁ ଏଭଳି ଦୁର୍ଘଟଣାମାନ ଘଟିଚାଲିଛି । ଯାହାଫଳରେ ସଡ଼କ ଦୁର୍ଘଟଣାକୁ ନେଇ ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି ।

ସାଧାରଣତଃ ଦୁର୍ଘଟଣା ଘଟିବା ପରେ ଚାଳକର ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ହିଁ ମୃତ୍ୟୁ ହୋଇଥାଏ । କେତେକ କ୍ଷେତ୍ରରେ ବ୍ରେନ୍‌ଷ୍ଟ୍ରୋକ୍ ହିଁ ମୃତ୍ୟୁର କାରଣ ସାଜିଥିଲା ବେଳେ ଆଉ କେତେକ କ୍ଷେତ୍ରରେ ଦୁର୍ଘଟଣାଗ୍ରସ୍ତ ମଣିଷ ପଙ୍ଗୁ ହୋଇପଡ଼ିବା ସହ ଅନେକ ବର୍ଷ ଧରି ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟ ମୃତ୍ୟୁବରଣ କରିଥାଏ । ଦୁର୍ଘଟଣାସ୍ଥଳରେ ମୃତ୍ୟୁବରଣ ଅପେକ୍ଷା ଚିକିତ୍ସା ପାଇଁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ । ଯେଉଁଥି ପାଇଁ ଦୁର୍ଘଟଣାଗ୍ରସ୍ତ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିବା ସହିତ ସେହି ପରିବାର ଅତ୍ୟନ୍ତ ଦୁର୍ଦ୍ଦିନ ଅବସ୍ଥାକୁ ଆସିଯାଆନ୍ତି । ଦୁର୍ଘଟଣାର କୁପରିଣାମ ଏତେ ଭୟଙ୍କର ଯେ, ସେକଥା ବିଚାର କଲେ ଯେକୌଣସି ଅଭିଭାବକଟିଏ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ ।

• ପୃ-୬






## ଛାଟୁପତି ଉବାଚ

ସାହିଠାରୁ ଗାଁ, ଗାଁରୁ ପଞ୍ଚାୟତ
ପ୍ରଚାର ଯେ ଘାଇଁ ଘାଇଁ
ଗତଥର ଥିଲେ ଭାଉଜରାଣୀ
ଏଥରର ପ୍ରାର୍ଥୀ 'ଭାଇ'
ଡରିବାର କିଛି ନାହିଁ !
ଭାଉଜ ସିନା କଲେ ନାହିଁ କିଛି
ଭାଇ ଫିଟେଇବେ ଘାଇ...

ଭୋଓଟ ପାଇଁକି ସକାଳରୁ ସଞ୍ଜ
ଲାଗିଅଛି କେତେ ଯାତରା
କୁଜିନେତା ପଛେ ହିରୋ ଆସୁଛନ୍ତି
କାଲି ଯିଏ ଥିଲା ବାତେରା
ସବୁ ଦିଶୁଛନ୍ତି ସୁତୁରା
ଭୋଟ୍ ସରିଲେ ଜଣାପଡ଼ିଯିବ
କିଏ ଭଲ, କିଏ ମୁତୁରା... ।

- ପ୍ରତାପ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ଦେଶର ସର୍ବାଧିକ ଧନୀ ମୁମ୍ବାଇରେ

**ନୂଆଦିଲ୍ଲୀ :** 'ନ୍ୟୁ ୱାର୍ଲ୍ଡ ୱେଲ୍ଥ'ର ରିପୋର୍ଟ ଅନୁସାରେ ଭାରତର ଅନ୍ୟ ସହର ତୁଳନାରେ ମୁମ୍ବାଇରେ ଅଧିକ ଧନୀ ବ୍ୟକ୍ତି ବସବାସ କରୁଛନ୍ତି। ଦେଶର ଅର୍ଥନୈତିକ ରାଜଧାନୀ କୁହାଯାଉଥିବା ମୁମ୍ବାଇରେ ୪୫ ହଜାର 'ମିଲିୟେନିୟର' ଓ ୨୮ 'ବିଲିୟେନିୟର' ରହୁଛନ୍ତି। ଏମାନଙ୍କ ସମ୍ପତ୍ତି ମୂଲ୍ୟ ହେଉଛି ୮୨ ହଜାର କୋଟି ଡଲାର। ଅତି ଧନୀଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ଦିଲ୍ଲୀ। ସେହିଭଳି ତାଲିକାର ତୃତୀୟ ସ୍ଥାନରେ ବେଙ୍ଗାଲୁରୁ। ମିଲିୟେନିୟର ସୂଚୀରେ ସେହିମାନେ ରହିଛନ୍ତି, ଯାହାଙ୍କ ସମ୍ପତ୍ତି ଅତିକମ୍‌ରେ ୧ ମିଲିୟନ୍ ବା ୧୦ ଲକ୍ଷ ଡଲାର (୯.୭ କୋଟି ଟଙ୍କା)। ବିଲିୟେନିୟର ତାଲିକାରେ ଯେଉଁମାନେ ଅଛନ୍ତି, ଯାହାଙ୍କ ସମ୍ପତ୍ତି ଅତିକମ୍‌ରେ ୧୦୦ କୋଟି ଡଲାର (୬,୭୦୦ କୋଟି ଟଙ୍କା)। ରିପୋର୍ଟ ଅନୁଯାୟୀ ଦିଲ୍ଲୀରେ ୨୨୦୦୦ ମିଲିୟେନିୟର ଓ ୧୮ ଜଣ ବିଲିୟେନିୟର ଏବଂ ବେଙ୍ଗାଲୁରୁରେ ୭୫୦୦ ମିଲିୟେନିୟର ଓ ୮ ଜଣ ବିଲିୟେନିୟର ବସବାସ କରୁଛନ୍ତି। ଦିଲ୍ଲୀରେ ବସବାସ କରୁଥିବା ଏହି ଅତିଧନୀଙ୍କ ମୋଟ ସମ୍ପତ୍ତି ହେଉଛି ୩୨,୦୦୦ କୋଟି ଡଲାର। ଏହି ତାଲିକାରେ ଥିବା ସୂଚୀରେ ହାଇଦରାବାଦ, କୋଲକାତା, ପୁଣେ, ଚେନ୍ନାଇ ଓ ଗୁରୁଗ୍ରାମ (ଗୁଡ଼ଗାଓଁ) ମଧ୍ୟ ସାମିଲ ରହିଛି। କୋଲକାତାରେ ୮,୬୦୦ ମିଲିୟେନିୟର ଓ ୧୦ ଜଣ ବିଲିୟେନିୟର ଏବଂ ଗୁରୁଗ୍ରାମରେ ୩୬୦୦ ମିଲିୟେନିୟର ଓ ୨୫ ଜଣ ବିଲିୟେନିୟର ଅଛନ୍ତି। ସଂପ୍ରତି ଦେଶରେ ମୋଟ ୨,୬୪,୦୦୦ ମିଲିୟେନିୟର ଓ ୯୬ ଜଣ ବିଲିୟେନିୟର ବସବାସ କରୁଛନ୍ତି। ସେହିଭଳି ସୁରତ, ଅହମ୍ମଦାବାଦ, ଗୋଆ, ବିଶାଖାପାଟଣା, ଜୟପୁର, ଚଣ୍ଡିଗଡ଼ ଏବଂ ବରୋଦା ଭଳି ସହରରେ ଅତିଧନୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଉଛି।

# ଇପିଏଫ୍ ଯୋଜନାରେ ସାମିଲ ହେବେ କୁଲି



**ନୂଆଦିଲ୍ଲୀ :** ଦେଶର ରେଳଷ୍ଟେସନଗୁଡ଼ିକରେ କୁଲି କାମ କରୁଥିବା ଲୋକେ ଖୁବ୍‌ଶୀଘ୍ର ସାମାଜିକ ନିରାପତ୍ତା ପାଇବା ନେଇ ସୂଚନା ମିଳିଛି। କୁଲିମାନଙ୍କୁ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ଯୋଜନାରେ ସାମିଲ କରିବାକୁ କେନ୍ଦ୍ର ସରକାର ପ୍ରତି ରେଳ ଟିକେଟ୍ ଉପରେ ୧୦ ପଇସା ଉପକର ଲଗାଇବାକୁ ବିଚାର କରୁଛନ୍ତି। ଦେଶରେ ରେଳ କୁଲିଙ୍କ ସଂଖ୍ୟା ପ୍ରାୟ ୨୦,୦୦୦। କେନ୍ଦ୍ର ସରକାର ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ପ୍ରାୟ ୪୦ କୋଟି ଲୋକଙ୍କୁ ଇପିଏଫ୍‌ଓ ପରି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅନୁମାନ ଲଗାଯାଇଛି ଯେ ଏହି ଉପକର ଲାଗୁ ହେବା ଦ୍ୱାରା ବାର୍ଷିକ ୪.୩୮ କୋଟି ଟଙ୍କା ସଂଗ୍ରହ କରାଯାଇପାରିବ। ଏହାଦ୍ୱାରା କୁଲିମାନଙ୍କୁ ପିଏଫ୍, ପେନ୍‌ସନ୍ ତଥା ସମୂହ ବୀମା ଆଦି ସୁବିଧା ଉପଲବ୍ଧ କରାଯାଇପାରିବ। ଭାରତୀୟ ରେଳବିଭାଗ ପକ୍ଷରୁ ପ୍ରତିଦିନ ପ୍ରାୟ ୧୦ରୁ ୧୨ ଲକ୍ଷ ରେଳଟିକେଟ୍ ଜାରି କରାଯାଇଯାଏ। ଏହି ହିସାବରେ ପ୍ରତିଦିନ ଉପକର ବାବଦରେ ୧.୨ ଲକ୍ଷ କୋଟି ଟଙ୍କା ଯୋଗାଡ଼ କରିବା ନେଇ ସରକାର ଆକଳନ କରିଛନ୍ତି। କର୍ମଚାରୀ ପ୍ରତିନିଧି ଅଶୋକ ସିଂହ ଏ ବିଷୟରେ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଇପିଏଫ୍‌ଓ ବିଷୟରେ ନିର୍ଣ୍ଣୟ ନେଉଥିବା ଶୀର୍ଷ ସଂଗଠନ କେନ୍ଦ୍ରୀୟ ନ୍ୟାସୀ ବୋର୍ଡର ଅଧ୍ୟକ୍ଷ ଓ ଶ୍ରମମନ୍ତ୍ରୀ ବନ୍ଦାରୁ ଦତ୍ତାତ୍ରେୟ ଏହି ପ୍ରସ୍ତାବ ଉପରେ ବିଚାର ପାଇଁ ଆଶ୍ୱାସନା ଦେଇଛନ୍ତି। ସିବିଟିଟି ବୈଠକରେ ଭାରତୀୟ ରାଷ୍ଟ୍ରୀୟ ଟ୍ରେଡ୍ ୟୁନିଅନ୍ କଂଗ୍ରେସର ଉପାଧ୍ୟକ୍ଷ ଏଭଳି ଏକ ପ୍ରସ୍ତାବ ରଖିଥିଲେ। ଯାହା କେନ୍ଦ୍ର ସରକାର ହୃଦୟଙ୍ଗମ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି।

# ଦୁଃଖ ଦେଉଛି ମୋଟାପଣ



ବିଶ୍ୱର ସବୁଠାରୁ ମୋଟା ବ୍ୟକ୍ତି ହେଉଛନ୍ତି ଏଣ୍ଡ୍ରେସ୍। ଆଉ ଏହି ମୋଟାପଣ ତାଙ୍କ ଜୀବନରେ ଦୁଃଖ ଆଣିଦେଇଛି। ୩୮ ବର୍ଷୀୟ ଏଣ୍ଡ୍ରେସ୍‌ଙ୍କୁ ଡାକ୍ତର ପରାମର୍ଶ ଦେଇଛନ୍ତି ଯେ ସେ ଯଦି ଓଜନ ନକମାନ୍ତି, ତେବେ ମୃତ୍ୟୁ ସୁନିଶ୍ଚିତ। ଏହାପରେ ଏବେ ସେ ନିଜର ଓଜନ କମାଇବା ପାଇଁ ଅସ୍ତ୍ରୋପଚାରର ସହାୟତା ନେବାକୁ ଯାଉଛନ୍ତି। ଏହି ଅସ୍ତ୍ରୋପଚାର ମାଧ୍ୟମରେ ସେ ନିଜ ପେଟର ସମସ୍ତ ଚର୍ବିକୁ କାଢ଼ି ବାହାର କରିଦେବେ। ଜନ୍ମବେଳେ ତାଙ୍କର ତାଙ୍କର ଓଜନ ୬ କିଲୋ ଥିଲା। ମାତ୍ର ୧୦ ବର୍ଷ ବେଳକୁ ତାଙ୍କର ଓଜନ ୧୨୦ କିଲୋରେ ପହଞ୍ଚିଥିଲା। ସେହିପରି ତାଙ୍କୁ ଯେତେବେଳେ ୨୦ ବର୍ଷ ହୋଇଥିଲା, ତାଙ୍କ ଓଜନ ବଢ଼ି ବଢ଼ି ୪୩୫ କିଲୋ ହୋଇସାରିଥିଲା। ଏବେ ତାଙ୍କର ଅସ୍ତ୍ରୋପଚାର ପାଇଁ ଡାକ୍ତରମାନେ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ୭ ଜଣ ଲୋକ ଆବଶ୍ୟକ ହେବେ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଡେଲି ମେଲ୍ କହିଛନ୍ତି।

# ମଙ୍ଗଳରେ ବରଫ ଘର

ୱାଶିଂଟନ୍ : ମଙ୍ଗଳ ଗ୍ରହରେ ବସବାସ କରିବା ଲାଗି ଅଭିଯାନ ଆରମ୍ଭ କରିଛି ବିଜ୍ଞାନ ଯୁଗର ମଣିଷ। ଏହାର ନେତୃତ୍ୱ ନେଉଛି ଆମେରିକା ମହାକାଶ ଗବେଷଣା ସଂସ୍ଥା (ନାସା) ତେବେ ଲୋହିତ ଗ୍ରହରେ ପାଦ ଥାପିବା ପୂର୍ବରୁ ମଣିଷଙ୍କ ରହଣି ଚଳଣି, ଆବଶ୍ୟକତା ଆଦି ସମସ୍ତ ପ୍ରସଙ୍ଗରେ ପୂର୍ବରୁ ପ୍ରସ୍ତୁତି କରିବାରେ ଲାଗିଛି ନାସା। ଅନ୍ୟ ଗ୍ରହରେ ମଣିଷକୁ ରହିବାକୁ ହେଲେ ବାସସ୍ଥଳୀ ତା'ର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଏଥିଲାଗି ଏକ ଅଭିନବ ଉପାୟ ଖୋଜି ବାହାର କରିଛନ୍ତି ନାସା ବୈଜ୍ଞାନିକମାନେ। ପ୍ରଥମେ ଯେତେବେଳେ ମହାକାଶଚାରୀ ପର୍ଦାପଣ କରିଥିଲା। ସେଠାକାର ଜଟିଳ ଜଳବାୟୁରୁ ନିଜକୁ ରକ୍ଷା କରିବା ଲାଗି ଏକ ଅସ୍ଥାୟୀ ବାସସ୍ଥଳୀ ସୃଷ୍ଟି କରିଥିଲେ। ପାଦତଳେ ଉପଲବ୍ଧ ବରଫ ହିଁ ସେମାନଙ୍କ ପ୍ରଥମ ଉପାଦାନ ଥିଲା। ବରଫର ଡୋମ୍ ତିଆରି କରି ମହାକାଶଚାରୀମାନେ ସେଠାରେ ନିଜ ପାଇଁ ଅସ୍ଥାୟୀ ବାସସ୍ଥଳୀ ତିଆରି କରିଥିଲେ। ଆପୋଲୋ ଅଭିଯାନରେ ଚନ୍ଦ୍ରରେ ମାସାଧିକ କାଳ ରହଣି ମଧ୍ୟରେ ବି ମହାକାଶଚାରୀମାନେ ଏଭଳି ରାସ୍ତା ଆପଣାଇଥିଲେ। 'ମାର୍ସ ଆଇସ୍ ହୋମ୍' ବା ମଙ୍ଗଳ ଗ୍ରହରେ ବରଫ ଘର ତିଆରି କରିବା ଲାଗି ନାସା ପଦକ୍ଷେପ ଆରମ୍ଭ କରିଦେଇଛି। ଏହାର ଡିଜାଇନ୍ ମଧ୍ୟ ଆରମ୍ଭ ହୋଇଯାଇଛି। 'ମାର୍ସ ଆଇସ୍ ହୋମ୍'ର ଅନେକ ଉପାଦେୟତା ରହିଛି। ଏହା ହାଲୁକା ହୋଇଥିବାରୁ ଅତି ସହଜରେ ସ୍ଥାନାନ୍ତର ହୋଇପାରିବ। ପାଣିରେ ମହଜୁଦ ଉଦ୍‌ଜାନ ବ୍ରହ୍ମାଣ୍ଡୀୟ କିରଣକୁ ସିଲ୍ କରିଥାଏ। ମଙ୍ଗଳରେ ରହିବାରେ ଏହି ବ୍ରହ୍ମାଣ୍ଡୀୟ କିରଣ ବଡ଼ ବିପଦ। ଏହା ଉଚ୍ଚଶକ୍ତି ବିଶିଷ୍ଟ ବିକିରଣ। ଏହାର ସଂସ୍ପର୍ଶରେ ଶରୀର ଆସିଲେ ଚର୍ମକୁ ପ୍ରଭାବିତ କରିବା ସହ ମଣିଷ ଶରୀରର କୋଷ ଏବଂ ଡିଏନ୍‌ଏକୁ ନଷ୍ଟ କରି ଦେଇଥାଏ। ଏହାଯୋଗୁ କର୍କଟ ରୋଗ ସମ୍ଭାବନା ମଧ୍ୟ ଦେଖା ଦେଇଥାଏ। ଏହିସବୁରୁ ମଣିଷକୁ ବରଫ ଘର ରକ୍ଷା କରିବ ବୋଲି ନାସା ବୈଜ୍ଞାନିକମାନେ ଆଶାପ୍ରକାଶ କରିଛନ୍ତି।

# ରେଳବିଭାଗରେ ରିହାତି ସେବା

**ନୂଆଦିଲ୍ଲୀ :** ଜାନୁଆରୀ ୧ରୁ ରେଳବିଭାଗର ରିହାତି ସେବା ଆରମ୍ଭ ହୋଇଯାଇଛି। ଡିଜିଟାଲ ପେମେଣ୍ଟକୁ ଅଧିକ ପ୍ରୋତ୍ସାହନ କରିବା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ନୂଆ ନିୟମ ଲାଗୁ କରାଯାଇଛି। ଏହି ନିୟମ ଅନୁସାରେ ରେଳଯାତ୍ରା ସମୟରେ ଡିଜିଟାଲ ପେମେ□ କରିବା ଦ୍ୱାରା ମୂଳଭଡ଼ାର ୦.୫ ପ୍ରତିଶତ ରିହାତି ମିଳିବ। ଡେବିଟ୍, କ୍ରେଡିଟ୍ କାର୍ଡ ଇତ୍ୟାଦିରେ ପେମେ□ କରିବା ଦ୍ୱାରା ଗ୍ରାହକ ଏଭଳି ରିହାତି ପାଇପାରିବେ। ଯାତ୍ରୀଙ୍କୁ ଅଧିକ ସୁବିଧା ଦେବା ପାଇଁ ରେଳବାଇ ପକ୍ଷରୁ ପିଓଏସ୍ ମେସିନ୍ ଲଗାଇବା ପାଇଁ ଅନୁମତି ଦିଆଯାଇଛି। ଏହା ସହିତ ଇ-ପେମେ□ ଦ୍ୱାରା ଅନ୍ୟ ସମସ୍ତ ସୁବିଧା ମଧ୍ୟ ଲାଗୁ କରାଯିବ ବୋଲି ରେଳବିଭାଗ ପକ୍ଷରୁ ଜଣାପଡ଼ିଛି।

# ଜୋତା ପାଇଁ ସ୍ତ୍ରୀଙ୍କୁ ଛାଡ଼ିବେ ଜେସନ୍

**ଲଣ୍ଡନ :** ପ୍ରତ୍ୟେକ ମଣିଷର ଭିନ୍ନ ଭିନ୍ନ ନିଶା ରହିଛି। କାହାର ଛୋଟମୋଟ ନିଶା ତ ପୁଣି କାହାର ବଡ଼। କିନ୍ତୁ ଏପରି ଏକ ନିଶା ପାଇଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ମାମଲା ଅଦାଲତରେ ବିଚାରାଧୀନ। ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ କଥାଟି ସତ। ଘଟଣାଟି ଘଟିଛି ଲଣ୍ଡନ ନିକଟସ୍ଥ ଲିଡ୍‌ସରେ। ଜୋତା କିଣିବା ନିଶା ଏପରି ଯେ କଥା ଏବେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ମାମଲା ପର୍ଯ୍ୟନ୍ତ ଗତି କରିଛି। ୪୪ବର୍ଷୀୟ ଜେସନ ହେଉଛନ୍ତି ଜଣେ ଜୋତାପାଗଳ। ସେ ପ୍ରତିମାସରେ ୧୦ହଜାର ଟଙ୍କାର ଜୋତା କିଣିଥାନ୍ତି। ତାଙ୍କ ନିକଟରେ ବର୍ତ୍ତମାନ ୩୦୦ ହଳରୁ ଅଧିକ ଜୋତା ରହିଛି। ବାରମ୍ବାର ଜୋତା କିଣିବା ଓ ଏ ବାବଦରେ ଅଯଥା ଖର୍ଚ୍ଚ କରିବା ନେଇ ସ୍ତ୍ରୀଙ୍କ ସହ ତାଙ୍କର ଅନେକଥର ଝଗଡ଼ା ଲାଗୁଥିଲା। ନିକଟରେ ଜେସନ୍‌ଙ୍କୁ ତାଙ୍କ ପତ୍ନୀ ଫେୟ ଚେତାବନୀ ଦେଇଥିଲେ ଯେ ଯଦି ତୁମେ ଜୋତାକୁ ଭଲପାଅ ତେବେ ମୋତେ ଭୁଲିଯାଅ। ଜୋତା କିମ୍ବା ମୋ ଭିତରୁ ଜଣଙ୍କୁ ବାଛିନିଅ। ହେଲେ ଜେସନ୍‌ଙ୍କର ଜୋତାନିଶା ପତ୍ନୀଙ୍କ ଧମକ ଆଗରେ ଫିକା ପଡ଼ି ନଥିଲା। ଫଳରେ ଫେୟ ଛାଡ଼ପତ୍ର ପାଇଁ ଓକିଲଙ୍କ ପରାମର୍ଶ ଲୋଡ଼ିବା ସହ ଜେସନ୍‌ଙ୍କ ନିକଟକୁ ନୋଟିସ୍ ପଠାଇଛନ୍ତି।

# ବିଶ୍ୱର ଉଚ୍ଚତମ ପୋଲ



**ବେଜିଂ :** ସାଧାରଣଲୋକଙ୍କ ପାଇଁ ଚାଇନାରେ ଖୋଲିଛି ବିଶ୍ୱର ସବୁଠାରୁ ଉଚ୍ଚତମ ପୋଲ। ଏହାସହ ଏହି ନଭଶ୍ଚୁମ୍ବୀ ପୋଲରେ ଆରମ୍ଭ ହୋଇଥିଲା ଜନସାଧାରଣଙ୍କ ଗମନାଗମନ। ୫୬୫ ମିଟର (୧,୮୫୪ ଫୁଟ୍) ଉଚ୍ଚତା ବିଶିଷ୍ଟ ଏହି ବେଇପାଞ୍ଜିଆଙ୍ଗ୍ ପୋଲ ଦୁଇଟି ପାହାଡ ୟୁନାନ୍ ଏବଂ ଗୁଇଝୌକୁ ସଂଯୋଗ କରୁଛି। ଏହାଦ୍ୱାରା ଦୁଇଟି ପ୍ରଦେଶକୁ ମଧ୍ୟ ଯୋଗାଯୋଗ ସମ୍ପନ୍ନ ହୋଇଛି। ନିଝୁ ନଦୀ ଘାଟି ଉପରେ ତିଆରି ହୋଇଥିବା ଏହି ପୋଲ ଦେଶର ଦକ୍ଷିଣ ପଶ୍ଚିମ ପାର୍ବତ୍ୟାଂଚଳ ୟୁନାନ୍ ଏବଂ ଗୁଇଝୌକୁ ସଂଯୋଗ କରୁଛି। ଏହି ପୋଲର ନିର୍ମାଣ ପରେ ୟୁନାନ୍‌ର ଜୁଆନ୍‌ୱେଇ ଏବଂ ଗୁଇଝୌର ସୁଇଚେଙ୍ଗ୍‌କୁ ଯିବା ଆସିବା ଲାଗି ସମୟ ଏକଚତୁର୍ଥାଂଶ କମିଯାଇଛି। ଦୁଇ ସ୍ଥାନରୁ ଯିବା ଆସିବା କରିବା ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ସୁବିଧା ରାସ୍ତା ହୋଇଛି ବୋଲି ଗୁଇଝୌ ପ୍ରାଦେଶିକ ପରିବହନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ପୋଲର ନିର୍ମାଣ ୨୦୧୩ରେ ଆରମ୍ଭ ହୋଇ ସେପ୍ଟେମ୍ବର ୨୦୧୬ ଯାଏ ଚାଲିଥିଲା। ନିର୍ମାଣ କାର୍ଯ୍ୟରେ ୧୦୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର ଏବଂ ଟେକନିସିଆନ୍ ମୁତୟନ ରହିଥିଲେ। ନିର୍ମାଣ ପାଇଁ ମୋଟ ୧୦୦କୋଟି ୟୁଆନ୍ (୧୪୪ ନିୟୁତ ଆମେରିକୀୟ ଡଲାର) ଅର୍ଥ ଖର୍ଚ୍ଚ ହୋଇଥିଲା। ପୋଲ ଏବଂ ଏହା ତଳେ ବହି ଯାଉଥିବା ନଦୀର ଦୂରତା ୨୦୦ ମହଲା କୋଠା ଉଚ୍ଚତା ସହ ସମାନ ବୋଲି ଗୁଇଝୌ ଖବରକାଗଜରେ ପ୍ରକାଶ ପାଇଛି। ଏହା ଚାଇନାର କେନ୍ଦ୍ରୀୟ ପ୍ରଦେଶ ହୁବେଇରେ ଥିବା ସି ଡୁ ନଦୀ ପୋଲର ରେକର୍ଡ ଭାଙ୍ଗିଛି।

# ଘଣ୍ଟାପ୍ରତି ୩୩୩ କିଲୋମିଟର ବେଗରେ ଗଡୁଛି ସାଇକେଲ



ଫ୍ରାନ୍ସର ଫ୍ରେଙ୍କୋଇସ୍ ଗିସି ନାମକ ଜଣେ ବ୍ୟକ୍ତି ଏକ ନୂଆ ରେକର୍ଡ ହାସଲ କରିଛନ୍ତି। ସେ ଏପରି ଏକ ସାଇକେଲରେ ନିର୍ମାଣ କରିଛନ୍ତି ଯାହା ମାତ୍ର ୪.୮ ସେକେଣ୍ଡରେ ଘଣ୍ଟା ପିଛା ୩୩୩ କିଲୋମିଟର ଗତି କରିବାରେ ସମର୍ଥ। ଏହି ସାଇକେଲକୁ ଗିସି ଏବଂ ତାଙ୍କର ଜଣେ ବନ୍ଧୁ ଆର୍ଣ୍ଣୋଲ୍ଡନେରାକର ମିଳିତଭାବରେ ତିଆରି କରିଛନ୍ତି। ସାଇକେଲର ବେଗ ବୃଦ୍ଧିପାଇଁ ଏଥିରେ ରକେଟ୍‌ର ତିନୋଟି ଇଞ୍ଜିନ୍ ଲଗାଯାଇଛି। ଏଥିରେ ଇନ୍ଧନ ଭାବେ ବ୍ୟବହୃତ ହେଉଛି ହାଇଡ୍ରୋଜେନ୍ ପେରକ୍ସାଇଡ୍। ସାଇକେଲର ବେଗ ତୁଳନାତ୍ମକ ଭାବରେ ମାପିବା ପାଇଁ ଗିସି ଏକ ଫେରାରି କାର୍ ସହ ପ୍ରତିଯୋଗିତା କରିଥିଲେ। ପ୍ରତିଯୋଗିତାରେ ଫେରାରି ଚାଳକ ସାଇକେଲ ସମ୍ମୁଖରେ ପରାଜିତ ହୋଇଥିଲେ।

# ସହଜ ଇଏମ୍‌ଆଇରେ ଇପିଏଫ୍ ସଦସ୍ୟଙ୍କୁ ଗୃହ

ନୂଆଦିଲ୍ଲୀ : ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍) ସଦସ୍ୟମାନେ ଏଣିକି ସହଜ ଇଏମ୍‌ଆଇରେ ଗୃହ କିଣିପାରିବା ଭଳି ଏକ ଭଲ ଖବର। ଦେଶରେ ଥିବା ୪କୋଟି ଇପିଏଫ୍ ସଦସ୍ୟ ଘର କିଣିବା କ୍ଷେତ୍ରରେ ସେମାନଙ୍କର ଇପିଏଫ୍ ପାଣ୍ଠିକୁ ସୁବିନିଯୋଗ କରିପାରିବେ। ଇପିଏଫ୍ ପକ୍ଷରୁ ଆରମ୍ଭ କରାଯିବାକୁ ଶସ୍ତା ଗୃହଯୋଗାଣ ମାଧ୍ୟମରେ ଏହି ସୁବିଧା ଉପଲବ୍ଧ ହୋଇପାରିବ ବୋଲି ଜଣପଡ଼ିଛି। ଏଥିରେ ଏହି ଯୋଜନା ଅନ୍ତର୍ଗତ କର୍ମଚାରୀମାନେ ଏହାର ଲାଭ ଉଠାଇପାରିବେ। ୨୦୧୭-୧୮ ଆର୍ଥିକ ବର୍ଷରେ ସଂଗଠନ ଏହି ଯୋଜନା ଚାଲୁ କରାଯିବ ବୋଲି ଇପିଏଫ୍ କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ ଭି.ପି. ଜୟ ସୂଚନା ଦେଇଛନ୍ତି। ଅନ୍‌ଲାଇନ୍‌ରେ ଅର୍ଥ ଉଠାଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ପରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ଏଥିପାଇଁ ଶ୍ରୀ ଜୟ କହିଛନ୍ତି ଯେ ଏହି ଯୋଜନା ସଦସ୍ୟଙ୍କୁ ଗୃହ କିଣିବା ଇପିଏଫ୍ ଆକାଉଣ୍ଟକୁ ଉପଯୋଗ କରି ସହଜ ଇଏମ୍‌ଆଇ ଜରିଆରେ ଋଣ ସୁଝିବାରେ ସହାୟକ ହେବ। ଏହି ଯୋଜନାରେ ଇପିଏଫ୍‌ଓ ଏକ ସମ୍ପାଦନକାରୀ ସଂସ୍ଥା ଭାବେ କାର୍ଯ୍ୟ କରିବ, ଯାହାଫଳରେ ଏହାର ସଦସ୍ୟମାନେ ଚାକିରି କରିଥିବା ସମୟରେ ଶସ୍ତାରେ ଏକ ଗୃହ କ୍ରୟ କରିପାରିବେ। ଯୋଜନା ଅନୁସାରେ ସଦସ୍ୟମାନେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କରିବେ। ଏଥିରେ ହାଉସିଂ ଏଜେନ୍ସି, ବ୍ୟାଙ୍କ ଓ ଇପିଏଫ୍‌ଓ ମଧ୍ୟରେ ଏକ ଚୁକ୍ତିନାମା ରହିବ। ସୂଚନାଯୋଗ୍ୟ ଯେ ଏ ସମ୍ପର୍କରେ ଗତ ସେପ୍ଟେମ୍ବର ୧୬ ତାରିଖରେ ଅନୁଷ୍ଠିତ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ଼ (ସିବିଟି) ବୈଠକରେ ଆଲୋଚନା କରାଯାଇଥିଲା।



ସେଲ୍‌ଫି ମାନିଆ : ସତର୍କ ନହେଲେ ଚାଲିଯିବ ଜୀବନ

# ବେକାରୀ ବଢ଼ିବ, ନିଯୁକ୍ତି କମିବ

**ନୂଆଦିଲ୍ଲୀ/ଜାତିସଂଘ :** ଭାରତରେ ୨୦୧୭ ଓ ୨୦୧୮ରେ ବେକାରି ସଂଖ୍ୟା ବଢ଼ିବ। ଜାତିସଂଘ ପକ୍ଷରୁ ଜାରି ରିପୋର୍ଟରେ ଏହି ଆକଳନ କରାଯାଇଛି। ଏହି ଦୁଇବର୍ଷରେ ଦେଶର ବେକାରୀ ସମସ୍ୟାରେ ସାମାନ୍ୟ ବୃଦ୍ଧି ଦେଖାଦେବ। ୨୦୧୭ରେ ବେକାରୀ ସଂଖ୍ୟା ୧୭.୭ ନିୟୁତରୁ ବୃଦ୍ଧି ପାଇ ୧୭.୮ ନିୟୁତ ହେବ। ୨୦୧୮ରେ ବେକାରି ସଂଖ୍ୟା ୧୮ ନିୟୁତକୁ ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି।

ଏହି ଦୁଇବର୍ଷରେ ନିଯୁକ୍ତି ସୁଯୋଗ କମିବ। ୨୦୧୭-୧୮ରେ ଭାରତର ବେକାରୀ ହାର ୩.୪ ପ୍ରତିଶତରେ ରହିବ ବୋଲି ଜାତିସଂଘ କହିଛି। ଦକ୍ଷିଣ ଏସିଆ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ନୂଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ ଭାରତ ଉତ୍ତମ ପ୍ରଦର୍ଶନ କରିଛି। ଦକ୍ଷିଣ ଏସିଆରେ ୨୦୧୬ରେ ୧୩.୪ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା। ଏଥିରେ ଭାରତର ଉଲ୍ଲେଖନୀୟ ଅବଦାନ ରହିଛି। କେବଳ ନିଯୁକ୍ତି ସୁଯୋଗ ନୁହେଁ, ଏହି ଅଞ୍ଚଳର ଅଭିବୃଦ୍ଧି ବଢ଼ାଇବାରେ ମଧ୍ୟ ଭାରତର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ୨୦୧୬ରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୮ ପ୍ରତିଶତ ହୋଇପାରିଛି। ରିପୋର୍ଟରେ କୁହାଯାଇଛି, କିଛିସମୟ ପାଇଁ ସମଗ୍ର ବିଶ୍ୱରେ ବେକାରୀ ହାର ବଢ଼ିବ। ଶ୍ରମଶକ୍ତି ପରିମାଣ ବୃଦ୍ଧି ପାଉଥିବାରୁ ଏଭଳି ସ୍ଥିତି ଲାଗିରହିବ। ୨୦୧୭ରେ ବିଶ୍ୱର ବେକାରୀ ହାର ୫.୮ ପ୍ରତିଶତକୁ ବୃଦ୍ଧି ପାଇବ। ଏହି ସଂଖ୍ୟା ୩୪ ଲକ୍ଷ ବୃଦ୍ଧି ପାଇ ୨୦.୧ କୋଟିରେ ପହଞ୍ଚିବ। ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍‌ଓ)ର ମହାନିର୍ଦ୍ଦେଶକ ଗାୟ ରାଇଡର କହିଛନ୍ତି ଯେ ଆମ ସାମ୍ନାରେ ଦୁଇପ୍ରକାର ଚାଲେଞ୍ଜ; ବିଶ୍ୱ ଅର୍ଥନୀତିରେ ହୋଇଥିବା କ୍ଷତିକୁ ଭରଣା, ସାମାଜିକ ସଙ୍କଟକୁ ଦୂର କରିବା ଏବଂ ଦ୍ୱିତୀୟ ଆହ୍ୱାନ ହେଉଛି ନୂତନ ଶ୍ରମଶକ୍ତି ପାଇଁ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ବିଷୟରେ ଜାତିସଂଘ ପକ୍ଷରୁ କହାଯାଇଛି ଯେ ୨୦୧୬ରୁ ୨୦୧୭ ମଧ୍ୟରେ ଏଠାରେ ବେକାରୀ ସଂଖ୍ୟା ୩୬ ଲକ୍ଷ ବଢ଼ିବ। ଏହି ରାଷ୍ଟ୍ରଗୁଡ଼ିକର ବେକାରୀ ହାର ପରିମାଣ ୫.୭ ପ୍ରତିଶତକୁ ବୃଦ୍ଧି ପାଇବ। ଏହି ରାଷ୍ଟ୍ରଗୁଡ଼ିକରେ ପ୍ରତି ଦୁଇ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କ ନିଯୁକ୍ତି ସମ୍ବେଦନଶୀଳ ସ୍ତରରେ ଅଛି। ବିକାଶିତ ରାଷ୍ଟ୍ରଗୁଡ଼ିକରେ କିନ୍ତୁ ୫ ଜଣରୁ ୪ ଜଣଙ୍କ ନିଯୁକ୍ତି ସମ୍ବେଦନଶୀଳ ସ୍ତରରେ ରହିଛି ବୋଲି ରିପୋର୍ଟ ଲେଖିଥିବା ବିଶିଷ୍ଟ ଅର୍ଥନୈତିଜ୍ଞ ଷ୍ଟିଭେନ୍ ଟୋବିନ୍ କହିଛନ୍ତି।

## ଭୁଶୁଡ଼ିଯିବ ସୂର୍ଯ୍ୟ ମନ୍ଦିର !

**ପୁରୀ :** ବିଶ୍ୱପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟମନ୍ଦିର ଏବେ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ରହିଛି। କେଉଁ ସମୟରେ ଏହା ଭୁଶୁଡି ପଡ଼ିବ ତାହା କହିହେବ ନାହିଁ। ଜଗମୋହନରେ ଭର୍ତ୍ତି ହୋଇଥିବା ତିରିଶ ଫୁଟ ବାଲିରୁ ଏବେ ପ୍ରାୟ କୋଡିଏ ଫୁଟ ବାଲି ଦବିଯାଇଛି।



ଭିତର କାନ୍ଥକୁ ସୁରକ୍ଷା ଦେବା ପାଇଁ ଦିଆଯାଇଥିବା ଲୁହା ବିମ୍ ମଧ୍ୟ ଖସି ପଡ଼ିଛି। କେନ୍ଦ୍ରୀୟ ବିଲ୍ଡିଂ ରିସର୍ଚ୍ଚ ଇନଷ୍ଟିଟ୍ୟୁଟ୍ (ସିବିଆର୍‌ଆଇ)ର ଦ୍ୱାରା ହୋଇଥିବା ଅନୁଧ୍ୟାନରୁ ଏଭଳି ଜଣାପଡ଼ିଛି। ଏହି ରିପୋର୍ଟ ମିଳିବା ପରେ ବିଶେଷଜ୍ଞମାନେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋଣାର୍କ ମନ୍ଦିର ଜଗମୋହନର ସ୍ଥିତି ଅନୁଧ୍ୟାନ ପାଇଁ ସିବିଆର୍‌ଆଇ ଦ୍ୱାରା ପାଇଁ ସ୍ନିକିଂ କ୍ୟାମେରା ଓ ଲେଜର୍ ସ୍କାନିଂ ବ୍ୟବହାର କରାଯାଇଥିଲା। ପ୍ରତିଷ୍ଠାନର ରିପୋର୍ଟ ହେଲା, ଜଗମୋହନ ଭିତର ଛାତରୁ ପଥର ଝୁଲିରହିଛି। ମନ୍ଦିର ସୁରକ୍ଷା ପାଇଁ ୧୯୦୩ରେ ଜଗମୋହନ ଭିତରେ ବାଲି ଭରା ଯାଇଥିଲା। ବ୍ରିଟିସ ବିଶେଷଜ୍ଞଙ୍କ ଅନୁଧ୍ୟାନ ରିପୋର୍ଟ ଆଧାରରେ ଏହି ବାଲି ଭରାଯାଇଥିଲା। ବ୍ରିଟିଶ ରିପୋର୍ଟ କହୁଛି, ଜଗମୋହନର ତିନିଟି ପିଢି ପର୍ଯ୍ୟନ୍ତ ବାଲି ଭରା ଯାଇଥିଲା। ତିନିଟି ପିଢିର ଉଚ୍ଚତା ପାଖାପାଖି ତିରିଶି ଫୁଟ ଥିଲା। ଏବେ ଜଗମୋହନ ଭିତରୁ ବାଲି ଦୁଇଟି ପିଢି ତଳକୁ ଖସିଯାଇଛି। ଜଗମୋହନରେ ଭରା ଯାଇଥିବା ତିରିଶ ଫୁଟ ବାଲିରୁ ଏବେ ପ୍ରାୟ କୋଡିଏ ଫୁଟ ବାଲି ଦବିଗଲାଣି। ବାଲି ଠାରୁ ପାଖାପାଖି ୨୦ ଫୁଟ ବାଲି ଦବିଗଲାଣି। ତିନିପିଢ ବିଶିଷ୍ଟ ଏହି ବାଲି ଦବିବା ପରେ ଦୁର୍ବଳ ଜଗମୋହନ ଭିତର ପାଖରୁ ପଥର ଖସିଛି। ଏହି ପଥର ବାଲିରେ ପଡ଼ିଛି।

## ଗଙ୍ଗାସାଗର ଯାତ୍ରୀଙ୍କ ଭିଡ଼

**ପୁରୀ :** ପବିତ୍ର ଶ୍ରୀକ୍ଷେତ୍ର ଧାମରେ ଗଙ୍ଗାସାଗର ଯାତ୍ରୀଙ୍କ ଭିଡ଼ ଦେଖାଦେଇଛି। ମକର ସଂକ୍ରାନ୍ତିରେ ପଶ୍ଚିମବଙ୍ଗର କପିଳମୁନି ଆଶ୍ରମ ନିକଟ ସାଗରଦ୍ୱୀପରେ ବୁଡ଼ ପକାଇ ଲକ୍ଷଲକ୍ଷ ତୀର୍ଥଯାତ୍ରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀକୁ ଧାଡ଼ିବାନ୍ଧିଛନ୍ତି। ବସ୍ ଓ ଟ୍ରେନ ଯୋଗେ ଯାତ୍ରୀମାନେ ଆସୁଥିବା ଦେଖିବାକୁ ମିଳିଛି। ଏହି ଯାତ୍ରୀଙ୍କ ସମାଗମ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିବ। ମହୋଦଧିରେ ବୁଡ଼ପକାଇ ତୀର୍ଥଯାତ୍ରୀମାନେ ମହାପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦର୍ଶନ ଲାଭ ପୁଣ୍ୟ ଲାଭ କରୁଥିବା ଏହି ଯାତ୍ରୀମାନେ ପ୍ରକାଶ କରିଛନ୍ତି। ଯାତ୍ରୀମାନଙ୍କୁ କୌଳିକ ପଣ୍ଡାମାନଙ୍କ ପକ୍ଷରୁ ଦର୍ଶନ କରାଇ ଦିଆଯିବା ସହ ଭୋଗରାଗ କରାଉଛନ୍ତି। ଗଙ୍ଗାସାଗର ମେଳା ଭଳି ଆଶ୍ୱିନ ମାସ ପିତୃପକ୍ଷ ସମୟରେ ଏକକାଳୀନ ଲକ୍ଷଲକ୍ଷ ତୀର୍ଥଯାତ୍ରୀଙ୍କ ସମାଗମ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥାଏ। ଏହି ଯାତ୍ରୀଙ୍କୁ ଅଶିଣଗୟା ଯାତ୍ରୀ ବୋଲି ମଧ୍ୟ କୁହାଯାଏ। ଶ୍ରୀକ୍ଷେତ୍ରରୁ ଫେରିବା ସମୟରେ ସେମାନେ ଶୁଖୁଲି ମହାପ୍ରସାଦ ସହ ପୁରୀରେ ମିଳୁଥିବା ବିଭିନ୍ନ ଘରକରଣା ସାମଗ୍ରୀ ନେଉଛନ୍ତି।

# ରାଜଧାନୀରେ ଆଉ ବସ୍ତି ଉଚ୍ଛେଦ ନୁହେଁ, ବିକାଶ ହେବ





**ଭୁବନେଶ୍ୱର :** ରାଜଧାନୀର ସହର ଭିତରୁ ଆଉ ବସ୍ତି ଉଚ୍ଛେଦ ନହୋଇ ଏହାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। କାରଣ ବସ୍ତି ଉଚ୍ଛେଦ ନେଇ ବିଭିନ୍ନ ମହଲରୁ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଥିବା ବେଳେ ଉଚ୍ଛେଦ ନହୋଇ ଏହାର ବିକାଶ ପାଇଁ ନକ୍ସା ପ୍ରସ୍ତୁତ ହୋଇ ସାରିଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏଥିପାଇଁ ସମସ୍ତ ଯୋଜନା ତିଆରି କରିଛନ୍ତି। ସରକାର ବିଭିନ୍ନ ଯୋଜନା ଓ ଭୁବନେଶ୍ୱର ମହାନଗର ନିଗମ ସହିତ ସ୍ଥାନୀୟ ସାଂସଦ ଓ ବିଧାୟକ ପାଣ୍ଠି ସହଯୋଗରେ ଏ ସମସ୍ତ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ଏଥିପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ସେପ୍ଟେମ୍ବର ୨୪ ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର (ଉତ୍ତର) ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳ ନିରଞ୍ଜନ ସାହୁ, ଭୁବନେଶ୍ୱର ମହାନଗର କମିଶନର, ଖୋର୍ଦ୍ଧା ଡିଏଫ୍‌ଓ, ବିଏମ୍‌ସିର ଡେପୁଟୀ କମିଶନର ଓ ବିଭିନ୍ନ ଡିଭିଜନର ଯନ୍ତ୍ରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବସ୍ତି ଅଞ୍ଚଳରେ କେଉଁପ୍ରକାର ବିକାଶ କରାଯାଇପାରିବ, ସେଥିପାଇଁ ବିଧିବଦ୍ଧ ନକ୍ସା ମଧ୍ୟ ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି।

ପ୍ରଥମ ପର୍ଯ୍ୟାୟରେ ରାଜଧାନୀର ସାଲିଆସାହି ଅଞ୍ଚଳର ବିକାଶ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସ୍ମାର୍ଟସିଟିକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳର ବିକାଶ କିଭଳି କରାଯିବ ତାହା ଆଲୋଚିତ ହୋଇଥିଲା। ନିଷ୍ପତ୍ତି ଅନୁସାରେ ଏଠାର ସମସ୍ତ ବସ୍ତିକୁ ଯାଇଥିବା ରାସ୍ତା ଚଉଡ଼ା ହେବା ସହ ଉଜ୍ଜ୍ୱଳ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବ। ବସ୍ତି ଭିତରକୁ ଜରୁରୀକାଳୀନ ଗାଡ଼ି, ଦମକଳ ଓ ଆମ୍ବୁଲାନ୍ସ ଯେଭଳି ସହଜରେ ଯାତାୟତ କରିପାରିବ, ସେଥିପାଇଁ ନକ୍ସାରେ ଚିତ୍ରିତ ହୋଇଛି। ଜଣ୍ଡିସ୍ ରୋଗକୁ ରୋକାଯିବା ସହ ପାନୀୟ ଜଳର ସୁବନ୍ଦୋବସ୍ତ ପାଇଁ ସବୁ ଘରକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ। ଏଥିସହ ବସ୍ତିରେ ଥିବା ଅଚଳ ବୋର୍‌ୱେଲ୍‌ର ମରାମତି ମଧ୍ୟ କରାଯିବ। ପାନୀୟ ଜଳ ପାଇଁ ବିଭିନ୍ନ ସ୍ଥାନରେ ପଏଣ୍ଟ ରହିବ ଓ ସ୍ୱଚ୍ଛଭାରତ ଅଭିଯାନ ଯୋଜନାରେ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ସ୍ଥାନମାନଙ୍କରେ ହାଇବ୍ରିଡ ଟଏଲେଟ୍ ନିର୍ମାଣ କରାଯିବ। ସବୁଘରେ ପାଇଖାନା ନିର୍ମାଣ ପାଇଁ ମଧ୍ୟ ସ୍ଥାନୀୟ ଲୋକଙ୍କୁ କୁହାଯିବ। ଏହାସହ ବସ୍ତି ଅଞ୍ଚଳରେ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବୈଠକ ମାଧ୍ୟମରେ ଆଲୋଚା କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଯୁକ୍ତଦୁଇ ପ୍ରାକ୍ଟିକାଲ୍ ଘୁଞ୍ଚିଲା

**ଭୁବନେଶ୍ୱର (ବ୍ୟୁରୋ) :** ଆସନ୍ତା ୧୮ରୁ ହେବାକୁ ଥିବା ସିଏଚ୍‌ଏସ୍‌ଇ (ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ)ର ଯୁକ୍ତଦୁଇ ପ୍ରାକ୍ଟିକାଲ୍ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହା ଜାନୁଆରୀ ୧୮ ତାରିଖରୁ ଆରମ୍ଭ ହୋଇ ୨୫ ତାରିଖରେ ସରିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଏବେ ଘୁଞ୍ଚାଇ ଦିଆଯାଇଛି। ଯାହା ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ଫେବ୍ରୁଆରୀ ୩ରେ ସରିବ। ପ୍ରାକ୍ଟିକାଲ୍ ପ୍ରଶ୍ନ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ପରୀକ୍ଷା ଘୁଞ୍ଚାଇ ଦିଆଯାଇଛି। ସୋମବାରଠାରୁ କଲେଜଗୁଡ଼ିକୁ ଆଡମିଟ୍ କାର୍ଡ଼, ପ୍ରଶ୍ନପତ୍ର ଓ ଉତ୍ତର ଖାତା ଯୋଗାଇ ଦିଆଯାଉଛି। ଏଗୁଡ଼ିକ ସମଗ୍ର ରାଜ୍ୟରେ ଥିବା କଲେଜଗୁଡ଼ିକରେ ପହଞ୍ଚିବା ପାଇଁ ସର୍ବନିମ୍ନ ୭ଦିନ ଲାଗିବ। ତା'ପରେ ପରୀକ୍ଷା ହେବ ବୋଲି ପରିଷଦର ଅଧ୍ୟକ୍ଷ ଡ. ବାସୁଦେବ ଛାଟୋଇ ସୂଚନା ଦେଇଛନ୍ତି।

- ୨୭ରୁ ଆରମ୍ଭ ଫେବୃଆରୀ ୩ରେ ଶେଷ
- ପ୍ରଶ୍ନପତ୍ର ପହଞ୍ଚିବାରେ ବିଳମ୍ବ
- କଲେଜର ଭିତ୍ତିଭୂମି ଯାଞ୍ଚ ପାଇଁ ୫ ଟିମ୍ ଗଠନ

ପ୍ରାକ୍ଟିକାଲ୍ ପରୀକ୍ଷା କରିବା ପୂର୍ବରୁ କଲେଜଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ରହିବା ଆବଶ୍ୟକ। ଯେଉଁ କଲେଜରେ ଭିତ୍ତିଭୂମି ନଥିବ ସେମାନେ ପ୍ରାକ୍ଟିକାଲ୍ ପରୀକ୍ଷା କରିବାରୁ ବଞ୍ଚିତ ହୋଇପାରନ୍ତି। ପ୍ରତି ଟିମ୍‌ରେ ପରିଷଦର ୨ ଜଣ ସଦସ୍ୟ ରହିଛନ୍ତି। ଏହି ଟିମ୍‌ଗୁଡ଼ିକ ଆସନ୍ତା ୧୬ରୁ କଲେଜଗୁଡ଼ିକୁ ବୁଲି ଦେଖିବେ। ଟିମ୍‌ଗୁଡ଼ିକ ଅଚାନକ ଗସ୍ତ କରିବେ ବୋଲି ସୂଚନା ମିଳିଛି। ଗସ୍ତ ସମୟରେ ଅନିୟମିତତା ପରିଲକ୍ଷିତ ହେଲେ ସମ୍ପୃକ୍ତ କଲେଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିଷଦ ଅଧ୍ୟକ୍ଷ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ଚଳିତବର୍ଷ ମୋଟ ୩ ଲକ୍ଷ ୮୦ ହଜାର ୮୫୩ ଜଣ ଛାତ୍ରଛାତ୍ରୀ ୧୧୦୬ କେନ୍ଦ୍ରରେ ଯୁକ୍ତଦୁଇ ପରୀକ୍ଷା ଦେବେ। ଯୁକ୍ତଦୁଇରେ ପରୀକ୍ଷା ପରିଚାଳନା ପାଇଁ ୨୦୩ଟି ହବ୍ କରାଯାଇଛି। ହବ୍‌ଗୁଡ଼ିକରେ ପ୍ରଶ୍ନପତ୍ର ରଖାଯିବ। ପୁଲିସ୍ ଓ ସୁରକ୍ଷା କର୍ମୀ ମୁତୟନ କରାଯିବା ସହିତ ହବ୍‌ଗୁଡ଼ିକ ୨୪ଘଣ୍ଟା ସିସିଟିଭି କ୍ୟାମେରାର ନଜରରେ ରହିବ। ଯୁକ୍ତଦୁଇ ପରୀକ୍ଷା ପରିଚାଳନା ପାଇଁ ଜିଲ୍ଲା ଓ ପୋଲିସ୍ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ କରିବାକୁ କୁହାଯାଇଛି। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ଆପ୍ଲିକେସନ, ପରିସଂଖ୍ୟାନ, ଭୂଗୋଳ, ସଙ୍ଗୀତ, ଗୃହବିଜ୍ଞାନ ଓ ଧନ୍ଦାମୂଳକ ବିଷୟରେ ପ୍ରାକ୍ଟିକାଲ୍ ପରୀକ୍ଷା କରାଯିବ। ଅପରପକ୍ଷେ ଯୁକ୍ତଦୁଇ ଥିଓରୀ ପରୀକ୍ଷା ମାର୍ଚ୍ଚ ୬ରୁ ୨୮ ପର୍ଯ୍ୟନ୍ତ ହେବ।

# ମୋଦିଙ୍କ ଘୋଷଣାକୁ ନେଇ ଚିନ୍ତାରେ ବିଜେଡି

**ଭୁବନେଶ୍ୱର :** ବିମୁଦ୍ରୀକରଣ ଯନ୍ତ୍ରଣାରେ ଛଟପଟ ଲୋକଙ୍କ କ୍ଷତରେ ମଲମ ଲଗାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷାନ୍ତରେ କେତେକ ନୂଆ ଯୋଜନା ଓ ରିହାତି ଘୋଷଣା କରିଥିଲେ। ଦେଶର ବିଭିନ୍ନ ରାଜ୍ୟର ଲୋକଙ୍କୁ ମୋଦିଙ୍କ ଏଭଳି ପଦକ୍ଷେପ ଆଶ୍ୱସ୍ତ କରିଛି କି ନା, ତାହା ଏଯାଏଁ ଜଣାପଡ଼ି ନାହିଁ। ହେଲେ ଓଡ଼ିଶା ସରକାରଙ୍କୁ କେନ୍ଦ୍ରର ଏ ଘୋଷଣା ବିଚଳିତ କରିଛି। ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସମାଜର ଗରିବ, ମଧ୍ୟବିତ୍ତ, ଥିବା ପରିପ୍ରେକ୍ଷୀରେ ସମାଜର ଗରିବ, ମଧ୍ୟବିତ୍ତ, କୃଷକ, ମହିଳା, ଉଦ୍ୟୋଗୀ ଏବଂ ବରିଷ୍ଠ ନାଗରିକଙ୍କୁ ଆକର୍ଷିତ କରିବା ଲାଗି କେନ୍ଦ୍ର ଯେଉଁ ପଦକ୍ଷେପ ନେଇଛି, ତା'ର ପ୍ରଭାବ ନିର୍ବାଚନ ଉପରେ ପଡ଼ିବ କି ନାହିଁ, ସେ ନେଇ ଏବେ ରାଜ୍ୟ ସରକାର ଚିନ୍ତାରେ। ବିଜେଡି ଶିବିରରେ ମଧ୍ୟ ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି। ଜନମତ ପ୍ରଭାବିତ ହେବା ପୂର୍ବରୁ ଏ ସଂକ୍ରାନ୍ତରେ ଠୋସ୍ ରଣନୀତି ଗ୍ରହଣ କରିବା ଲାଗି ଦଳର ମାମଲତ୍‌କାରମାନେ ବିଚାରବିମର୍ଶ ଆରମ୍ଭ କରିଛନ୍ତି। ସରକାରଙ୍କ ଚିନ୍ତାର କାରଣ କେବଳ ଏଇ ଗୋଟିଏ ନୁହେଁ। କେନ୍ଦ୍ର ସରକାର ଆଉଏକ ଶକ୍ତ ଆଘାତ





ଦେଇଛନ୍ତି ରାଜ୍ୟକୁ। ପୂର୍ବରୁ ନବୀନ ସରକାର କେନ୍ଦ୍ରୀୟ ଯୋଜନା ହାଇଜାକ୍ କରୁଥିବା ଅଭିଯୋଗ ଆଣିଥିଲା। ରାଜ୍ୟ ବିଜେପି ପ୍ରଚାର ବି କରିଥିଲା। ଟଙ୍କିକିଆ ଚାଉଳରେ କାହାର ଭାଗ କେତେ, ଏକଥା ଫଟାଇ କହି ବୁଲୁଥିଲେ ରାଜ୍ୟ ବିଜେପି ନେତା। ଏହାର ସାମାନ୍ୟତମ ପ୍ରଭାବ ପଡ଼ି ନ ଥିଲା। ଏବେ କିନ୍ତୁ କେନ୍ଦ୍ର ସରକାର ଏ ପ୍ରସଙ୍ଗକୁ ଗମ୍ଭୀରତାର ସହିତ ଗ୍ରହଣ କରିଛନ୍ତି। ଟଙ୍କିକିଆ ଚାଉଳ ଭଳି ଲୋକପ୍ରିୟ ଯୋଜନାରେ କାହାର ଭାଗ କେତେ ସେ ସଂକ୍ରାନ୍ତ ପ୍ରଚାର ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। ଜଣାଇଛନ୍ତି ଯେ ଟଙ୍କିକିଆ ଚାଉଳ ଯୋଜନାରେ ପ୍ରତି କେଜି ପିଛା ୨୯.୬୭ ପଇସା ଚାଉଳ କେନ୍ଦ୍ର ଦେଉଛି। ମାତ୍ର ଦୁଇଟଙ୍କା ଦେଉଛି ରାଜ୍ୟ। ସେହିପରି ଗହମରେ ରାଜ୍ୟ ସରକାର ଟଙ୍କାଟିଏ ଦେଉଥିଲେ ହେଁ ୨୧ ଟଙ୍କା ୪୫ ପଇସା କେନ୍ଦ୍ର ଦେଉଛି। ପଞ୍ଚାୟତ ନିର୍ବାଚନ ସମୟରେ କେନ୍ଦ୍ରର ଏଭଳି ସୂଚନା, ଟଙ୍କିକିଆ ଚାଉଳ ପଛର ସରକାରୀ ଗୁମର ଖୋଲିଦେଇଛି। ନିର୍ବାଚନ ସମୟରେ କେନ୍ଦ୍ରର ଏ କୌଶଳକୁ ନେଇ ବିଜେଡିର ଦ୍ୱନ୍ଦ୍ୱ ବଢ଼ିଯାଇଛି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଏବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ରାଜ୍ୟ ଶାସନ ଦାୟିତ୍ୱରେ ଥିବା କାରଣରୁ ପରିସ୍ଥିତିରୁ ଫାଇଦା ଉଠାଇ ମୁଖ୍ୟମନ୍ତ୍ରୀ ମାଳମାଳ ପ୍ରକଳ୍ପର ଶୁଭ ଦେଇଛନ୍ତି, ଉଦ୍‌ଘାଟନ କରିଛନ୍ତି। ଏକାଧିକ ଯୋଜନା ବି ଘୋଷଣା କରାଯାଇଛି। ଏସବୁକୁ ଆୟୁଧ କରି ବିଜେଡି ପଞ୍ଚାୟତ ନିର୍ବାଚନକୁ ଓହ୍ଲାଇଛି। ତେବେ ପ୍ରଧାନମନ୍ତ୍ରୀ ଯେଉଁ ଘୋଷଣା କରିଛନ୍ତି, ଏହା ମଧ୍ୟରୁ ଅନେକ ଗାଁଲୋକଙ୍କ ପାଇଁ ଉଦ୍ଦିଷ୍ଟ। କେନ୍ଦ୍ର ସରକାର କହିଛନ୍ତି, ଗାଁଲୋକ ନୂଆଘର ନିର୍ମାଣ କଲେ କିମ୍ବା ସମ୍ପ୍ରସାରଣ କରିବା ପାଇଁ ଋଣ ନେଲେ ସୁଧ ରିହାତି ମିଳିବ। ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ୩ ପ୍ରତିଶତ ସୁଧ ରିହାତି ଦିଆଯିବ। ସେହିଭଳି ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ୪ ପ୍ରତିଶତ ରିହାତି। କେବଳ ସେତିକି ନୁହେଁ, ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କରୁ ଯେଉଁ କୃଷକମାନେ ଋଣ ନେଇଛନ୍ତି ସେମାନଙ୍କୁ ୬୦ ଦିନ ପାଇଁ ସୁଧ ଛାଡ଼ କରିଛନ୍ତି।

## ଓଡ଼ିଶାରେ ନିରାଶ : ହରିୟାଣା ପାଇଁ ଖେଳିବେ ବକ୍ସର

ଜୟପୁର : ପ୍ରତିଭାବାନ ଖେଳାଳିଙ୍କୁ ଚୟନ କରି ସେମାନଙ୍କୁ କୋଚିଂ ଦେବାର ବ୍ୟବସ୍ଥା କ୍ରୀଡ଼ା ବିଭାଗର ରହିଛି। ମାତ୍ର ଏହାର ବ୍ୟତିକ୍ରମ ଘଟିଛି କୋରାପୁଟ ଜିଲ୍ଲା ଜୟପୁର ସହରର ଜଣେ ପ୍ରତିଭାବାନ ବକ୍ସର ଅର୍ଜିତ ମହାପାତ୍ରଙ୍କ କ୍ଷେତ୍ରରେ। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ କିମ୍ବା ସହାୟତା ନ ମିଳିବାରୁ ସେ ଏବେ ଓଡିଶା ଛାଡି ବାହାର ରାଜ୍ୟ ସକାଶେ ଖେଳିବା ପାଇଁ ହରିୟାଣା ଚାଲିଯାଇଛନ୍ତି। ଜିଲ୍ଲା ଓ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଘ ସହାୟତାରେ କୋଚିଂ ନେଇ ଖେଳିବା ଆଶାରେ ସେମାନଙ୍କ ନିକଟରୁ ବାରମ୍ବାର ଦୌଡି ନିରାଶ ହେବା ପରେ ଅର୍ଜିତ ଏହି ପଦକ୍ଷେପ ନେଇଛନ୍ତି। ହରିୟାଣା ରାଜ୍ୟର ଜନୈକ ବକ୍ସର ଟ୍ରେନରଙ୍କୁ ଯୋଗାଯୋଗ କରି ସେଠାରେ ସମ୍ପୃକ୍ତ ରାଜ୍ୟ ଲାଗି ଖେଳିବା କୁ ସ୍ଥିର କରିଛନ୍ତି। ଓଡ଼ିଶା ପାଇଁ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଏହି ଯୁବ ବକ୍ସର। ପ୍ରକାଶ ଯେ, ଅର୍ଜିତ ଗତ ୨୦୧୬ ଜାନୁୟାରୀ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରୌପ୍ୟପଦକ ପାଇଥିଲେ। ସେହିପରି ଅଗଷ୍ଟ ମାସରେ ବ୍ରହ୍ମପୁରଠାରେ ହୋଇଥିବା ଅଲ ଓଡ଼ିଶା ବକ୍ସିଂ ଚମ୍ପିୟନଶିପରେ ସେ ୯୧ କିଲୋଗ୍ରାମରେ ପ୍ରଥମ ହୋଇ ସ୍ୱର୍ଣ୍ଣପଦକ ପାଇଥିଲେ। ସେ ଆଗାମୀ ଦିନରେ ରାଜ୍ୟ ପାଇଁ ଖେଳିବା ଆଶାରେ ବ୍ରହ୍ମପୁରଠାରେ ଜନୈକ କୋଚଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରୁଥିଲେ। ମାତ୍ର ତାଙ୍କ ଓଜନରେ ରାଜ୍ୟରେ କୌଣସି ଖେଳାଳି ନଥିବା ଦର୍ଶାଇ ତାଙ୍କୁ ବାରମ୍ବାର ବିଭିନ୍ନ ଆଳରେ ରାଜ୍ୟ ବକ୍ସିଂ ସଂଘ ଫେରାଇଥିଲେ। ୨୦୧୩ରେ ୧୪ ବର୍ଷ ବୟସରେ ସେ ବିଶ୍ୱ ବକ୍ସିଂ ବିଜେତା ମାଇକ ଟାଇସନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବକ୍ସିଂ ଗ୍ଲୋବସ ଏବଂ କିଟ ବ୍ୟାଗ କ୍ରୟ କରିବା ପରେ ନିଜେ ଘରେ ବକ୍ସରଙ୍କ ଭିଡିଓ ଦେଖି ଅଭ୍ୟାସ କରିଥିଲେ। ପରେ ଜିଲ୍ଲା କ୍ରୀଡା ସଂଘର ଜଣେ କର୍ମକ□ୀଙ୍କ ସହାୟତାରେ ବ୍ରହ୍ମପୁର ଯାଇ କିଛିଦିନ କୋଚିଂ ନେଇଥିଲେ। ଏହିପରି ଦୁଇଟି ପ୍ରତିଯୋଗିତାରେ ବିଜେତା ହୋଇଥିଲେ ସୁଦ୍ଧା ତାଙ୍କ ଓଜନର ଖେଳାଳି ନଥିବା ଦର୍ଶାଇ ତାଙ୍କୁ ସୁଯୋଗ ଦିଆଯାଉ ନଥିଲା। ଏନେଇ ସେ ରାଜ୍ୟ ସଂଘର କର୍ମକ□ୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଶେଷରେ ହରିୟାଣା ରାଜ୍ୟର ଭିବାନୀ ସହରର ଜନୈକ ବକ୍ସିଂ କୋଚଙ୍କୁ ଯୋଗାଯୋଗ କରିଥିଲେ ଅର୍ଜିତ। ସେ ମଧ୍ୟ ତାଙ୍କ ଭିଡିଓ ଦୃଶ୍ୟ ତାଙ୍କ ନିକଟକୁ ପଠାଇଥିଲେ। ପରେ ସମ୍ପୃକ୍ତ କୋଚ ତାଙ୍କ ପ୍ରତିଭା ଦେଖି ହରିୟାଣା ଚାଲି ଆସିବାକୁ କହିଥିଲେ। ସେଠାରେ ସେ ତାଙ୍କର ମାଗଣା ଖାଇବା, ରହିବା ବ୍ୟବସ୍ଥା ସହିତ କୋଚିଂ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପାଇବା ପରେ ଅର୍ଜିତ ବାହାର ରାଜ୍ୟ ପାଇଁ ଖେଳିବା ଲାଗି ନିଷ୍ପତ୍ତି ନେଇଥିଲେ। ଏନେଇ ରାଜ୍ୟ ବକ୍ସିଂ ସଂଘ ସମ୍ପାଦକ ଅନିଲ ବହିଦାରଙ୍କୁ ଯୋଗାଯୋଗ କରିବାରୁ ସେ ବ୍ରହ୍ମପୁର କୋଚଙ୍କଠାରୁ କୋରାପୁଟ ଜିଲ୍ଲାର ଜଣେ ବାଳକ ଖେଳୁଥିବା ଖବର ପାଇଥିଲେ। ମାତ୍ର ତାଙ୍କ ସହିତ ଆଉ କେହି ଯୋଗାଯୋଗ କରିନାହାନ୍ତି। ଅର୍ଜିତ ନିରାଶ ନ ହୋଇ ଫେରିଆସନ୍ତୁ ରାଜ୍ୟ ସଂଘ ପକ୍ଷରୁ ତାଙ୍କୁ କୋଚିଂ ଦେବା ବ୍ୟବସ୍ଥା କରିବା କରାଯିବ। ତାଙ୍କ ପ୍ରତିଭା ଅନୁଯାୟୀ ରାଜ୍ୟ ପକ୍ଷରୁ ସେ ପ୍ରତିନିଧିତ୍ୱ କରିବେ ବୋଲି କହିଛନ୍ତି।

## ଭିତରକନିକାରେ ପକ୍ଷୀସଂଖ୍ୟା କମିଛି

**ଭୁବନେଶ୍ୱର :** ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଚଳିତବର୍ଷ ୭୬,୨୬୮ ପକ୍ଷୀ ଆସିଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ଚଳିତ ବର୍ଷ ୧୬ଟି ଦଳ ପକ୍ଷୀ ଗଣନା ଆରମ୍ଭ କରିଥିଲେ। ଭିତରକନିକା ପାଟିଆ, ଭଣ୍ଡୁତୁଠ ପାଟିଆ, ବଗଗହଣ, ଖୋଲା, ଡାଙ୍ଗମାଳ ଜେଠି, ନଳିତାପାଟିଆ, ଦୁର୍ଗାପୁର ମୁହାଣ, ଲକ୍ଷ୍ମୀପ୍ରସାଦ ଡିଆ, କାଳିଭଞ୍ଜଡିଆ, କଣ୍ଟିଆଖାଇ, ସାତଭାୟା, ୧୬ନଂ, ଘେରି, ମଗରକନ୍ଦା, ରବି ତ୍ରିପାଠୀ ଘେରି, ଚି□ିରି ମୁହାଣ, କାକରା ପାଟିଆ, ଶର୍ମା ଘେରି, ଜଉଦିଆ, ଚିତଉକୋଲା, ରାଇପାଟିଆ, ଗୋଜ, ଭିତରକନିକା ମୁହାଁଣ, ଧନିଡିଆ, ବଡିଘର ସମେତ କୁଜଙ୍ଗ ରେଞ୍ଜରେ ମଧ୍ୟ ଗଣନା କରାଯାଇଥିଲା। ପକ୍ଷୀ ବିଶୋରଦଙ୍କ ମଧ୍ୟରେ ବିଶ୍ୱଜିତ ମହାନ୍ତି, ଗୋହର ଆବେଦିନ, ସୁମନ୍ତ ରାଜଗୁରୁ, ବିରଜା ପ୍ରସାଦ ପତି, ମଧୁସ୍ମିତା ପତି, ଚନ୍ଦନ ଜାନି, ବିଜୟ କବି, ପ୍ରଫେସର ସୁଶିଲ ଦତ୍ତ, ରଞ୍ଜିତା ପଟ୍ଟନାୟକ, ଚିତ୍ତରଞ୍ଜନ ମହାପାତ୍ର, ଆକାଶରଞ୍ଜନ ରଥ ପ୍ରମୁଖଙ୍କ ସହ ବନକର୍ମଚାରୀ ପକ୍ଷୀ ଗଣନାରେ ସାମିଲ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ୧୦୯ ପ୍ରଜାତିର ପକ୍ଷୀ ଆସିଥିଲାବେଳେ ସର୍ବାଧିକ ଗିଜ୍ ଆଣ୍ଡ ଡକ୍ସ ନାମଧାରୀ ୪୩,୪୬୫ ଆସିଛନ୍ତି।



# ରାଜପଥରେ ପାଟ୍ରୋଲିଂ କଡ଼ାକଡ଼ି

**ଭୁବନେଶ୍ୱର :** କମିଶନରେଟ ପୁଲିସ ପ୍ରତିଷ୍ଠା ଦିନଠାରୁ ଆଇନଶୃଙ୍ଖଳା ବ୍ୟତୀତ ଟ୍ରାଫିକ୍ ପରିଚାଳନାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଫଳରେ ଖୁବ୍ ଅଳ୍ପଦିନ ମଧ୍ୟରେ ଟ୍ରାଫିକ୍ ପରିଚାଳନା ଲାଗି କମିଶନରେଟ ପୁଲିସ ଦେଶରେ ସୁନାମ ଅର୍ଜନ କରିଛି। ତେବେ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ ଟ୍ରାଫିକ୍ ପରିଚାଳନା ବିପର୍ଯ୍ୟସ୍ତ ହେବା ସହ ରାଜପଥରେ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ପରିପ୍ରେକ୍ଷୀରେ ନୂଆବର୍ଷଠାରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ରାଜପଥରେ ଦୁର୍ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ଭାରିଯାନ ସବୁ ରାସ୍ତାର ବାମପଟେ ଚଳାଚଳ କରିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ୨୦୧୦ରେ ଏହି ନିୟମ ପ୍ରଣୟନ କରାଯିବା ସହ ପିତାପଲ୍ଲୀ ଛକଠାରୁ କଟକ ଗୋପାଳପୁର ପର୍ଯ୍ୟନ୍ତ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ସୂଚନାଫଳକ ଲଗାଯାଇଥିଲା। ଦିନବେଳା ସହର ମଧ୍ୟ ଦେଇ ଯାଇଥିବା ରାଜପଥରେ ଭାରିଯାନ ଚଳାଚଳକୁ ନିଷେଧ କରାଯାଇଥିଲା। ଏହାର ସୁଫଳ ମଧ୍ୟ ମିଳିଥିଲା। ମାତ୍ର ତତ୍କାଳୀନ ଟ୍ରାଫିକ୍ ଏସିପିଙ୍କ ବଦଳି ପରେ ଏହି ବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡ଼ିଥିଲା। ଜାତୀୟ ରାଜପଥରେ ନିୟମିତ ଟ୍ରାଫିକ୍ ପାଟ୍ରୋଲିଂ ବନ୍ଦ ହୋଇଯିବା ସହ ଏଥିରେ ନିୟୋଜିତ କର୍ମଚାରୀଙ୍କୁ ଅନ୍ୟ କାମରେ ବ୍ୟବହାର କରାଯାଇଥିଲା। ରାଜପଥରେ ଦୁର୍ଘଟଣା ସମ୍ପର୍କରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେତେବେଳେ କର୍ମଚାରୀ ଅଭାବର ଆଳ ଦର୍ଶାଯାଇଥିଲା।

ଗତ କିଛିମାସ ତଳେ କମିଶନରେଟ ପୁଲିସ ପକ୍ଷରୁ ଉପରୋକ୍ତ ନିୟମର ପୁନଃପ୍ରଚଳନ ଲାଗି ନିଷ୍ପତ୍ତି ହୋଇଥିଲା। ଏନେଇ ଟ୍ରକ୍ ଚାଳକଙ୍କୁ ସଚେତନ କରିବା ଲାଗି ପିତାପଲ୍ଲୀ ଛକ ସମେତ କେତେକ



ସ୍ଥାନରେ ହୋର୍ଡିଂ ଲଗାଯାଇଥିଲା। ମାତ୍ର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହି ନିୟମ କାର୍ଯ୍ୟକାରୀ ହୋଇପାରୁନି। କମିଶନରେଟ ପୁଲିସ ପକ୍ଷରୁ ସହର ଭିତରେ ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ରାଜପଥରେ ଟ୍ରାଫିକ୍ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଉ ନଥିବା ବହୁ ବରିଷ୍ଠ ନାଗରିକ ଅଭିଯୋଗ କରୁଛନ୍ତି। ବରିଷ୍ଠ ନାଗରିକଙ୍କ ମତରେ ବରମୁଣ୍ଡାଠାରୁ କଟକ ପର୍ଯ୍ୟନ୍ତ ଜାତୀୟ ରାଜପଥର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଓଭରବ୍ରିଜ୍ ନିର୍ମାଣ ହୋଇଛି। ମାତ୍ର ଅନେକ ସମୟରେ ଟ୍ରକ୍ ଓ ବସ୍ ସମେତ ଅନ୍ୟାନ୍ୟ ଭାରିଯାନ ଓଭରବ୍ରିଜ୍ ଉପରେ ଯାଉନାହାନ୍ତି। ଫଳରେ ରାଜପଥ ଓ ଏହାର ସଂଲଗ୍ନ ରାସ୍ତାରେ ଅଧିକାଂଶ ଦୁର୍ଘଟଣା ଘଟୁଛି। ପୂର୍ବରୁ ଯେପରି ରାଜପଥର ମେଡିଆନରେ ସୂଚନାଫଳକ ଲଗାଯାଇଥିଲା, ସେପରି ଫଳକ ଲଗାଇବା ଏବଂ ମଝିରେ ମଝିରେ ଭାରିଯାନଚାଳକମାନେ ଏହାକୁ ପାଳନ କରୁଛନ୍ତି କି ନାହିଁ ଯାଞ୍ଚ କରିବା ଦରକାର। ପିତାପଲ୍ଲୀ ଛକରେ ଟ୍ରାଫିକ୍ କର୍ମଚାରୀମାନେ ଏଥିପାଇଁ ସମସ୍ତ ଟ୍ରକ୍‌ଚାଳକଙ୍କୁ ସଚେତନ କରୁଛନ୍ତି। ଏଠାରେ ୪ଟି ଭାଷା ଓଡ଼ିଆ, ହିନ୍ଦୀ, ତେଲୁଗୁ ଓ ଇଂରାଜୀରେ ଲେଖାଯିବା ସୂଚନାଫଳକ ମଧ୍ୟ ଲଗାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କୁ ଜୋରିମାନା କରାଯାଉଛି। ଏପରିକି ଦୈନିକ ୭୦ରୁ ୮୦ଟି ଟ୍ରକ୍‌ରୁ ଏ ବାବଦରେ ଜୋରିମାନା ଆଦାୟ କରାଯାଉଛି। ଜାନୁଆରୀ ପ୍ରଥମାର୍ଦ୍ଧରୁ ଫୁଲନଖରା ପର୍ଯ୍ୟନ୍ତ ରାଜପଥରେ ସୂଚନାଫଳକ ଲଗାଯିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ରାଜପଥ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି।

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

16th-22nd January, 2017, Bhubaneswar

୧୬-୨୨ ଜାନୁଆରୀ ୨୦୧୭

# ସୁନ୍ଦର ସକାଳ ଅପେକ୍ଷାରେ...

ସାଧନାର ବେଳାଭୂଇଁରେ ଶାନ୍ତ ସମୁଦ୍ରର ଅପରୂପ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନ୍ତ୍ରମୁଗ୍ଧ କଲା ଭଳି ଏକ ନୂଆ ଖବରକାଗଜର ଆତ୍ମପ୍ରକାଶ ପୂର୍ବରୁ ମନ ଭିତରେ ଅନେକ ଭାବନା। ଅନେକେ ହୁଏତ ପ୍ରଶ୍ନ କରିପାରନ୍ତି, ଓଡ଼ିଶାରେ ଏତେ ଖବରକାଗଜ ଥାଉଥାଉ ପୁଣି ନୂଆ କାହିଁକି ? ଏହା ସ୍ୱାଭାବିକ ପ୍ରଶ୍ନଟିଏ। ମାତ୍ର ମଣିଷ ମାନସପଟ୍ଟରେ ଯେ ଗୋଟିଏ ଛବି, ଗୋଟିଏ କାହାଣୀ ବା ଏକାପ୍ରକାର ଦୃଷ୍ଟିଭଙ୍ଗୀ ନଥାଏ। ପ୍ରତି ମୁହୂର୍ତ୍ତରେ କିଛି ନା କିଛି ନୂଆ ସ୍ୱପ୍ନ ବାସ୍ତବତାଆଡ଼କୁ ଅଗ୍ରସର କରୁଥାଏ। ସଭ୍ୟତା ଆରମ୍ଭରୁ ସମାଜର କ୍ରମବିକାଶ ଭଳି ଆମ ଶିକ୍ଷା, ସଂସ୍କୃତି ଓ ବ୍ୟବସ୍ଥାରେ ବାରମ୍ବାର ଅନେକ ପରିବର୍ତ୍ତନ ଘଟିଛି ଓ ସମାଜକୁ ଏହାର ସୁଫଳ ମିଳିଛି। ବିଚାରଧାରାରେ ପରିପକ୍ୱତା ଆସିଲେ ଏହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ ଓ ଏଥିରେ ସମାଜ, ମଣିଷ, ପ୍ରକୃତି ଓ ପରିବେଶର ହିତସାଧନ ହେଲା ଭଳି ବର୍ତ୍ତମାନ ବୈଷୟିକ ଜ୍ଞାନକୌଶଳର ବିକାଶ ମାଧ୍ୟମରେ ବିଶ୍ୱ ଆଗକୁ ଚାଲିଛି। ସେଇ ସ୍ରୋତରେ ସାମିଲ ହୋଇ ବିଶ୍ୱ, ଦେଶ, ରାଜ୍ୟ ତଥା ନିଜ ଅଞ୍ଚଳର ମଣିଷଙ୍କ ପାଇଁ 'ଏକମାତ୍ର' ଜରିଆରେ କିଛି ଗୋଟେ ନୂଆ ବାର୍ତ୍ତା ଦେବା ଆମର ଲକ୍ଷ୍ୟ।

ସାମ୍ପ୍ରତିକ ସମୟରେ ମଣିଷ ଉନ୍ନତିର ସୋପାନ ପରେ ସୋପାନ ଅତିକ୍ରମ କରି ମଙ୍ଗଳରେ ବାସସ୍ଥାନ ଯୋଗାଡ଼ କରିବା ଭିତରେ ନିଜର ପ୍ରାଚୀନ କଳା, ସଂସ୍କୃତି ଓ ପରମ୍ପରାଠାରୁ ଦୂରେଇ ଯାଉଥିବା ଅନୁଭବ ହେଉଛି। ବସ୍ତୁବାଦର ଅଘୋର ତପସ୍ୟାରେ ନିମଗ୍ନ ହୋଇଯାଇଛି ମଣିଷ। ଅତ୍ୟଧିକ ଉପାର୍ଜନ, ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଏକୁଟିଆ ଜୀବନର ସ୍ୱପ୍ନରେ ଉବୁଟୁବୁ ହେଉଥିବା ମଣିଷ ପାଇଁ କିନ୍ତୁ ସମସ୍ୟାର ପାହାଡ଼ ଯେ ଆହ୍ୱାନ ଦେଉଛି, ସେ କଥା ଭୁଲିଯାଇଛି। ସେ ଭିତରେ ସ୍ୱଳ୍ପ ଦୃଷ୍ଟିପାତ, ବିଶ୍ୱତାପନ, ପ୍ରଦୂଷଣ, ମାତ୍ରାଧିକ ରାସାୟନିକ ବ୍ୟବହାରର କୁଫଳ, ନୂଆ ନୂଆ ବ୍ୟାଧି, କମ୍ପ୍ୟୁଟରଜନିତ ବର୍ଜ୍ୟବସ୍ତୁ, ନିଶାସେବନ, ଅବସାଦ, ପାରମ୍ପରିକ କୃଷିହରା ଦୃଷ୍ଟିଭଙ୍ଗୀ, ଜୈବ ବିବିଧତା ହ୍ରାସ, ମେରୁ ଅଞ୍ଚଳରେ ବରଫ ତରଳିବା ଭଳି ବହୁ ସମସ୍ୟା ଜୀବଜଗତ ପାଇଁ ବିପଦ ସାଜିଛି। ବ୍ୟାପକ ବୃକ୍ଷଛେଦନ ଯୋଗୁଁ ପରିବେଶରେ ଅସନ୍ତୁଳନ, ଶିଶୁର ଚରିତ୍ର ଗଠନ, ଅନ୍ଧବିଶ୍ୱାସ ଓ ସ୍ୱାର୍ଥପର ଚିନ୍ତାଧାରା ସଭିଙ୍କୁ ବିଷାଦଗ୍ରସ୍ତ କରୁଛି। ଫଳରେ ସମସ୍ତ ବ୍ୟବସ୍ଥା ଅବ୍ୟବସ୍ଥାର ଦୋଷ ଦେଇ ଭିନ୍ନ ଗତିରେ ଗତି କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ସଚେତନତା ଆଦି କ୍ଷେତ୍ରରେ ମଧ୍ୟ ଭୟଙ୍କର ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେଉଛି। ଯାହା ଭବିଷ୍ୟତ ପୃଥିବୀ ପାଇଁ ଆଦୌ ଶୁଭଙ୍କର ନୁହେଁ। ଏଣୁ ସବୁର ବିଘଟନରୁ ମୁକ୍ତି ପାଇଁ ସୁଚିନ୍ତିତ ମାର୍ଗରେ ସଭ୍ୟତାକୁ ଗତି କରିବାକୁ ପଡ଼ିବ। ନଚେତ୍ ଦିନେ ନା ଦିନେ ବିକାଶର ଚିତ୍ର ଉପରେ ବିନାଶର ଲେଲୀହାନ ଅଗ୍ନିଶିଖା ସମସ୍ତଙ୍କୁ ଜାଳିପୋଡ଼ି ଧ୍ୱଂସ କରିଦେବ। ତେଣୁ ସତର୍କତା ହିଁ ବଞ୍ଚିବାର ମାଧ୍ୟମ ଭଳି ପ୍ରତ୍ୟେକ କ୍ଷେତ୍ରରେ ବେପରୁଆ ଭାବ ନଦେଖାଇ ଏହାକୁ ପୁଙ୍ଖାନୁପୁଙ୍ଖ ବିଚାର କରି ବୌଦ୍ଧିକ ବିକାଶ ସହ ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗ କରିବାର ଆବଶ୍ୟକତା ରହିଛି।

ସେହିପରି ଭାଷା, ସାହିତ୍ୟ, ରାଜନୀତି, ଗଣମାଧ୍ୟମ ମାଧ୍ୟମରେ ସମାଜର ହିତସାଧନ ତଥା ଉଚିତ ବୈଚାରିକ ପରାମର୍ଶ ମାଧ୍ୟମରେ ସଂସ୍କାର ଅଣାଯିବା ଦରକାର। ଘଟଣାକୁ ଅତିରଞ୍ଜିତ କରି ଆତଙ୍କ ବା ଆଶଙ୍କା ସୃଷ୍ଟି କରିବା ଦ୍ୱାରା ସମାଜରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ପ୍ରତିଯୋଗିତା ବା ପ୍ରତିଦ୍ୱନ୍ଦ୍ୱିତା ହେଉ ମନା ନାହିଁ, କିନ୍ତୁ ଏହା ସକାରାତ୍ମକ ପ୍ରୟୋଗ ଓ ଉତ୍ତମ ବୁଝାମଣା, ଗଭୀର ଅନୁଶୀଳନ ମାଧ୍ୟମରେ ଉପସ୍ଥାପିତ ହେଲେ ରାଷ୍ଟ୍ର, ଜାତି ତଥା ବ୍ୟକ୍ତିର ହିତସାଧନରେ ସହାୟକ ହୁଏ। ତେଣୁ ସମାଜର ହିତ, ପ୍ରକୃତିର ସୁରକ୍ଷା, ଭାଷା, ସାହିତ୍ୟ, ସଂସ୍କୃତି, କଳା, ଗବେଷଣା, ଚଳଣି ଭଳି କୃଷି ତଥା ଅନଗ୍ରସର ଓ ଗରିବଙ୍କ ଦୁଃଖ, ଦୁର୍ଗମ ଅଞ୍ଚଳର ବିକାଶ ଚିନ୍ତା ସହ ମଣିଷ ସହ ମଣିଷର ସୁସଂପର୍କ ଯୋଡ଼ିବା ଲକ୍ଷ୍ୟରେ ଏକମାତ୍ର ନିଜର ପ୍ରୟୋଗ ଜାରି ରଖିବ। ଗଭୀର ଆତ୍ମବିଶ୍ୱାସ ସଫଳତା ଦିଗକୁ ବାଟ ବଢ଼ାଇନେବ ବୋଲି ଯେଉଁ ଟିକେ ଆଶାପୋଷଣ କରିଛୁ, ତାହା ସମାଜର ହିତରେ ଲାଗିବ ଏ ଭରସା ଆମର ରହିଛି। ନିଷ୍ପାପର ସାଧନା, କର୍ତ୍ତବ୍ୟରେ ଏକାଗ୍ରତା ଓ ନିରନ୍ତର ଉଦ୍ୟମ ଦ୍ୱାରା ଯେକୌଣସି କଠିନ ସମସ୍ୟାର ସମାଧାନ ହୋଇପାରିବା ସହ ଆମ ସରକାରୀ ବ୍ୟବସ୍ଥା ତଥା ସମାଜରୁ ଦୁର୍ନୀତି ହଟାଇବା ଆମର ଲକ୍ଷ୍ୟ ରହିବ। ତେଣୁ ସେମିତି ଏକ ସୁନ୍ଦର ସକାଳକୁ ଅପେକ୍ଷା ଥିଲା, ଯାହା ଆଜି ବାସ୍ତବ ରୂପ ନେଇଥିବା ମନେହୁଏ।

# ମାଓବାଦୀ : ଆନ୍ଧ୍ରର ନେତୃତ୍ୱ, ଓଡ଼ିଶାରେ ରାଜତ୍ୱ

**ସୋଜେବତନ ଦାସ**

ଜାତିସଂଘର ଆକଳନରୁ ମାଓବାଦୀ ସମସ୍ୟା ପୃଥିବୀର ବଡ଼ ସଙ୍କଟ ବୋଲି ପ୍ରକାଶ ପାଇଛି। ଏହି ବାମପନ୍ଥୀ ସନ୍ତ୍ରାସବାଦ ଏକ ବିଶ୍ୱବ୍ୟାପି ରାଜନୀତିକ ସନ୍ତ୍ରାସର ଅଂଶବିଶେଷ। ଭିନ୍ନ ଭିନ୍ନ ଦେଶରେ ନୂଆ ନୂଆ ନାମରେ ବାମପନ୍ଥୀ ସନ୍ତ୍ରାସୀ ଗୋଷ୍ଠି ସକ୍ରିୟ ରହିଛନ୍ତି। ଆନ୍ତର୍ଜାତିକ ସ୍ତରରେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଏମାନେ କାର୍ଯ୍ୟ କରୁଛନ୍ତି। ଆର୍ଥିକ, ପ୍ରଶିକ୍ଷଣ, ଅସ୍ତ୍ରସଂଗ୍ରହ, ପ୍ରଚ୍ଚର, ବିସ୍ଫୋରଣର ନୂଆ କୌଶଳ ଖୋଜିବା ପାଇଁ ଏମାନଙ୍କ ମଧ୍ୟରେ ଉତ୍ତମ ଯୋଗସୂତ୍ର ରହିଛି। ଯେମିତି ଉତ୍ତର ପୂର୍ବା□ଳର ଗୋଷ୍ଠି ରାଉରକେଲାରେ ପ୍ରଶିକ୍ଷଣ ଦେଉଛନ୍ତି। କେହି କେହି ସରଣ୍ଡା ଜଙ୍ଗଲରେ ଆକ୍ରମଣର ନୂତନ ମାର୍ଗ ଖୋଲିବା ଲାଗି ପ୍ରୟାସ କରୁଛନ୍ତି । ଏବେ ମାଲକାନଗିରିରେ ଜାପାନୀ ଜ୍ୱର ପାଇଁ ଯେତିକି ଚର୍ଚ୍ଚା ହେଉଛି ସେତିକି ଚର୍ଚ୍ଚା ଏକକାଳୀନ ୩୦ ମାଓବାଦୀଙ୍କ ଏନ୍‌କାଉଣ୍ଟର ପାଇଁ ହେଉଛି।

ଏହି ସମସ୍ୟା ଭାରତର ପଶ୍ଚିମବଙ୍ଗ ରାଜ୍ୟରୁ ୩ ମାର୍ଚ୍ଚ ୧୯୬୭ରେ ଆରମ୍ଭ ହୋଇ ଏବ ପ୍ରାୟ ୧୭ ରାଜ୍ୟର ୨୦୦ ଜିଲ୍ଲାକୁ କବଳିତ କଲାଣି। କ୍ୟାନସର ପରି ଦେଶର ସୁରକ୍ଷାରେ କ୍ଷତି ପହଞ୍ଚାଉଥିବା ଏହି ସମସ୍ୟା ଯୋଗୁ ଗତ ୬ବର୍ଷରେ ୮୦୦୦ରୁ ଅଧିକ ଘଟଣା ଘଟିଲାଣି। ଏଥିରେ ସାଧାରଣ ନାଗରିକଙ୍କ ହତାହତ ସଂଖ୍ୟା ପୋଲିସ ଓ ମାଓବାଦୀଙ୍କ ତୁଳନାରେ ଢେର ଅଧିକ। ସେମିତି ଏହି ସମସ୍ୟାର ସମ୍ମୁଖୀନ ହେବାକୁ ପାଖାପାଖି ଏକଲକ୍ଷ ୭୦ ହଜାର ଯବାନଙ୍କ ସହ ୩୦,୦୦୦ ରାଜ୍ୟ ପୋଲିସ ଦେଶର ଭିନ୍ନ ଭିନ୍ନ ରାଜ୍ୟରେ ନିଯୁକ୍ତ ଅଛନ୍ତି। ଏମାନଙ୍କ ପିଛା ଯେତିକି ଖର୍ଚ୍ଚ କରାଯାଉଛି ତାହା ଗୋଟିଏ ଗୋଟିଏ ରାଜ୍ୟର ବଜେଟ ସହ ସମାନ।

ଓଡ଼ିଶାରେ ସୁନ୍ଦରଗଡ, ଦେଓଗଡ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡା, ଗଞ୍ଜାମ, ନୟାଗଡ, ଯାଜପୁର, ଜଗତସିଂହପୁର ଆଦି ଜିଲ୍ଲାରେ ଏମାନଙ୍କ ସକ୍ରୀୟତା ରହିଛି। କେଉଁଠି ଗରିଲା ଆକ୍ରମଣ, କେଉଁଠି ରସଦ ସଂଗ୍ରହ, ଅନ୍ୟ କେଉଁଠି ପ୍ରଶିକ୍ଷଣ କାର୍ଯ୍ୟ ଚାଲୁଛି। କେଉଁଠି କେଉଁଠି ଗଣମାଧ୍ୟମ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରଚ୍ଚର-ପ୍ରସାର କାର୍ଯ୍ୟ ହେଉଥିବା ବେଳେ ଅନ୍ୟ କେଉଁଠି ରାଜନେତାଙ୍କ ସହ ମୁଲଚାଲ କାର୍ଯ୍ୟ ହେଉଛି। ତେବେ ଖଣି, ଖାଦାନ, ଜଙ୍ଗଲ, ନଦୀବନ୍ଧ, ଅଞ୍ଚଳରେ ଏମାନେ ଅଧିକ ସକ୍ରିୟ। ଜଙ୍ଗଲରେ ଯେତିକି ଲୋକ ବନ୍ଧୁକଧରି ବୁଲୁଛନ୍ତି ସହରରେ ଏମାନଙ୍କ ସମର୍ଥକ ସେମିତି ସାଦା ପୋଷାକରେ ରହି ଭିନ୍ନ ଭିନ୍ନ ସରକାରୀ ବିଭାଗର ସୂଚନା ସଂଗ୍ରହରେ ବ୍ୟସ୍ତ। ସରକାରଙ୍କ ଗୋଇନ୍ଦା ବିଭାଗ ସଦୃଶ ଏମାନଙ୍କ ସୂଚନାଦାତା ସହରା□ଳରୁ ଗ୍ରାମା□ଳଯାଏ ଗୁପ୍ତଚର ପରି କାର୍ଯ୍ୟରତ। ହାଇକୋର୍ଟଠାରୁ ଜିଲ୍ଲା କୋର୍ଟ ଯାଏ ଏମାନଙ୍କ ସହ ଯୋଡି ହୋଇଥିବା ଓକିଲଗଣ ରହିଛନ୍ତି। କେଉଁଠି ପୋଲିସ ଗୁଳିରେ କେହି ମୃତ୍ୟୁବରଣ କଲେ କିମ୍ବା ବନ୍ଦୀ ହେଲେ ପରଦିନ ଏମାନଙ୍କ ଓକିଲବାହିନୀ ବାହାରି ପଡିଥିବେ ମାନବାଧିକାର। କିନ୍ତୁ ଏମାନଙ୍କ ଗୁଳିରେ ପୁଲିସ କିମ୍ବା ସାଧାରଣ ଲୋକଙ୍କ ମୃତ୍ୟୁ ହେଲେ ସେହି ଓକିଲମାନେ ଦାବିରେ କିନ୍ତୁ ମାନବାଧିକାର ଦାବି ନକରି ଚୁପ୍ ରହିଥାନ୍ତି। କହିବାକୁ ଗଲେ କେବଳ ମାଓବାଦୀମାନଙ୍କର ହିଁ ମାନବାଧିକାର ରହିଛି ଅନ୍ୟ କାହାର ନାହିଁ ବୋଲି ଏମାନଙ୍କ ବିଚ୍ଚର।

ଓଡ଼ିଶାରେ ନକ୍ସଲବାଦରୁ ମାଓବାଦ ଯାଏ ଯେଉଁ କ୍ରମ ଗଡ଼ିଆସିଛି ତାକୁ ଦେଖିଲେ ଜଣାପଡ଼ିବ ଯେ ଅଲଗା ଅଲଗା ସମୟରେ ରାଜନେତାମାନଙ୍କ ସହଯୋଗ, ସମର୍ଥନ ଓ ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ହେତୁ ଏମାନେ ରାଜ୍ୟରେ ତାଣ୍ଡବଲୀଳା ସୃଷ୍ଟି କରିଆସିଛନ୍ତି। ପଡ଼ୋଶୀରାଜ୍ୟ ଆନ୍ଧ୍ର ପ୍ରଦେଶରୁ ଆସି ଏମାନେ ଓଡିଶାକୁ ଦଖଲ କରିବାଲାଗି ଷଡ଼ଯନ୍ତ୍ର କରୁଥିବା, ନେତୃତ୍ୱ ଦେଉଥିବା ବିଷୟରେ ପୂର୍ବରୁ ବିରୋଧୀ ମାଓନେତା ସବ୍ୟସାଚୀ ପଣ୍ଡା ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଓଡ଼ିଶା ସରକାର ମାଓଦମନ କ୍ଷେତ୍ରରେ ସଫଳତା ପାଇଥିବା ପୁଲିସ ଅଧିକାରୀ ପ୍ରକାଶ ମିଶ୍ରଙ୍କ ସମ୍ମାନହାନୀ କରିବାକୁ ଯେପରି କାର୍ଯ୍ୟ କଲେ ତାହା ଯେକୌଣସି ବରିଷ୍ଠ ପୁଲିସ ଅଧିକାରୀଙ୍କ ମନୋବଳ ଉପରେ ପ୍ରଭାବ ପକାଇବ। କେନ୍ଦ୍ର ସରକାର ଶ୍ରୀ ମିଶ୍ରଙ୍କ ଯୋଗ୍ୟତାକୁ ଚ୍ଚହିଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ତାଙ୍କର ପ୍ରଶଂସା କଲାବେଳେ ରାଜ୍ୟ ସରକାର 'ଓଡ଼ିଆ ଦେଢ଼ଗୋଡ଼ିଆ' ନୀତିରେ ତାଙ୍କ ଗୋଇ ଖୋଳିବାରେ ବ୍ୟସ୍ତ ରହିଲେ।

ରାଜ୍ୟ ପୁଲିସ୍‌ବାହିନୀରେ ବଢୁଥିବା ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଯୋଗୁଁ ଅନେକ ଅଞ୍ଚଳରେ ମାଓବାଦୀମାନେ ସବୁକିଛି ଆଗୁଆ ସୂଚନା ପାଇଥାନ୍ତି, ଯାହାଫଳରେ ମାଓବିରୋଧୀ ଅଭିଯାନ ସଫଳ ହୋଇପାରେ ନାହିଁ। ଏକଦା ଜଣେ ରାଜନେତା ଦକ୍ଷିଣ ଓଡ଼ିଶାର ଏକ ଜଙ୍ଗଲରେ ମାଓବାଦୀଙ୍କ ବୈଠକ ହେବାର ସୂଚନା ପାଇ ସ୍ଥାନୀୟ ପୁଲିସ ଥାନାକୁ ଜଣାଇଥିବା ବେଳେ ରାତିରେ ମାଓବାଦୀମାନେ ସଂପୃକ୍ତ ଥାନାରୁ ସୂଚନା ପାଇ ରାଜନେତାଙ୍କୁ ଧମକ ଦେବା ଘଟଣା ଚର୍ଚ୍ଚିତ ହୋଇଥିଲା। ନୟାଗଡ଼ରେ ମାଓବାଦୀଙ୍କ ଅସ୍ତ୍ରାଗାର ଲୁଟ୍ ସଂପର୍କରେ ସ୍ଥାନୀୟ ସାପ୍ତାହିକୀ 'ବାଘୁଆବାର୍ତ୍ତା' ୧୦ଦିନ ପୂର୍ବରୁ ଆକ୍ରମଣ ଆଶଙ୍କା ପ୍ରସଙ୍ଗ ପ୍ରକାଶ କରିଥିଲାବେଳେ ସେ ସମୟରେ ସ୍ଥାନୀୟ ପୁଲିସ ଅଧିକାରୀ ଓ ପ୍ରଶାସନ ସଂପୃକ୍ତ କାଗଜର ସଂପାଦକଙ୍କୁ ଖବର ଛାପିବା ନେଇ ତାଗିଦ କରିଥିଲେ ହେଁ ପ୍ରତିକାର ପାଇଁ କୌଣସି ପଦକ୍ଷେପ ନନେଇ ଚୁପ୍ ରହିବାରୁ ଅନେକ ପୁଲିସଙ୍କ ମୃତ୍ୟୁ ହୋଇଥିଲା। ଏକକାଳୀନ ନୟାଗଡ଼, ନୂଆଗାଁ ଏବଂ ଦଶପଲ୍ଲା ଥାନା ଉପରେ ଆକ୍ରମଣ ହେବା ସମୟରେ ସତର୍କତା ଓ ପ୍ରସ୍ତୁତି ନଥିବା ହେତୁ ପୁଲିସମାନେ କିଛି କରିପାରି ନଥିଲେ। କୋରାପୁଟ ସହରରେ ଅସ୍ତ୍ରାଗାର ଲୁଟ୍ ପରେ ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ଦ୍ୱିତୀୟ ଘଟଣା ହୋଇଥିଲା। ଅଥଚ କୋରାପୁଟରୁ କୌଣସି ଶିକ୍ଷାଲାଭ ନକରିବା ଯୋଗୁଁ ନୟାଗଡ଼ରେ ଅଟକାଇ ପୁନରାବୃତ୍ତି ହୋଇଥିଲା।

ଆନ୍ଧ୍ରର ପିଡବ୍ଲ୍ୟୁଜି ନେତା ଗଣପତିଙ୍କ ବାହିନୀ ଆନ୍ଧ୍ରରେ ଆଉ ଅଧିକ କ୍ଷତି ନକରି ଓଡ଼ିଶାରେ ବ୍ୟାପକ ବିପର୍ଯ୍ୟୟ ସୃଷ୍ଟି କରିଚାଲିଛି। ରାସ୍ତାଘାଟ ନିର୍ମାଣକାରୀ ଗାଡ଼ି ପୋଡ଼ିଦେଇ ସଡ଼କ ନିର୍ମାଣ କରାଇ ନଦେବା, ଟେଲିଫୋନ୍ ଟାୱାର ପୋଡ଼ିଦେଇ ସଂଚାର ସଂପର୍କ ନଷ୍ଟ କରିବା, ସରକାରୀ କଳକୁ କାମ କରାଇ ନଦେବା, ଆଦିବାସୀ ଅଞ୍ଚଳରେ ଭୟ ସୃଷ୍ଟି କରିବା ଦ୍ୱାରା ଆନ୍ଧ୍ରର ନୁହେଁ, ଓଡ଼ିଶାର କ୍ଷତି ହେବାର ଲାଗିଛି। ଏମାନେ ପୋଲାଭରମ୍ ନିର୍ମାଣ ବନ୍ଦ କରିବାକୁ କହୁନାହାନ୍ତି। ମହାନଦୀର ଉପର ମୁଣ୍ଡରେ ନିର୍ମାଣ ବନ୍ଦ ପାଇଁ ପାଟି ଖୋଲୁନାହାନ୍ତି, ଅଥଚ ଓଡ଼ିଶା ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଆନ୍ଧ୍ରରେ ଏକାଧିକ ପ୍ରକଳ୍ପ ନିର୍ମାଣ ଜାରି ରହିଥିଲା ବେଳେ ଏମାନେ ସେଠି କିଛି ନକରି ଚୁପ୍‌ଚାପ୍ ମାଲକାନଗିରିରେ ବସି ଧ୍ୱଂସର ଯୋଜନା ପ୍ରସ୍ତୁତ କରୁଛନ୍ତି।



ଓଡ଼ିଶାର କ୍ଷତିରେ ଆନ୍ଧ୍ରର ଲାଭ ଉଦ୍ଦେଶ୍ୟରେ ଆନ୍ଧ୍ରର ମାଓନେତାମାନେ ଓଡ଼ିଶାରେ ବିପର୍ଯ୍ୟୟ ସୃଷ୍ଟିକରି ଆନ୍ଧ୍ରକୁ ଲାଭ ଦେବାରେ ଲାଗିପଡ଼ିଛନ୍ତି। ଓଡ଼ିଶାର ଆଦିବାସୀଙ୍କୁ ଓଡ଼ିଶାବିରୋଧୀ କରି ଆନ୍ଧ୍ର ପ୍ରକଳ୍ପକୁ ଆଗେଇ ନେବାରେ ପରୋକ୍ଷରେ ସହାୟତା କରୁଛନ୍ତି। ଓଡ଼ିଶା ସବୁଦିନ ପାଇଁ ଦରିଦ୍ର ଥାଉ ଅଥଚ ଆନ୍ଧ୍ର ସବୁଦିନ ଲାଭ କରୁଥାଉ ଏହା ହେଲା ସେମାନଙ୍କ ଅଘୋଷିତ ନୀତି 'ପାଟିରେ ସର୍ବହରା, ପଛରୁ ଲାତମରା' ଯୋଜନାରେ ଏମାନେ ଓଡ଼ିଶାର ଅନୁନ୍ନତ ଅଞ୍ଚଳର ଆଦିବାସୀ ଜିଲ୍ଲାରେ ବିରୋଧ କରି ବିନାଶର ରାସ୍ତା ଫିଟାଉଛନ୍ତି। ପୁଲିସର ସୂଚନାଦାତା କହି ଅନେକ ଲୋକଙ୍କୁ ତଣ୍ଟିକାଟି ହତ୍ୟା କରିବାରେ ଲାଗିଛନ୍ତି। ଆପଣାର ବର୍ଚ୍ଚସ୍ୱ ପାଇଁ ସାଧାରଣରେ ଆତଙ୍କ ସୃଷ୍ଟି କରୁଛନ୍ତି। ଆଇଏସ୍ ଆତଙ୍କବାଦୀଙ୍କ ନରସଂହାର ପରି ଏମାନଙ୍କ ନରସଂହାରଲୀଳା ବିଭତ୍ସ। ଏମାନଙ୍କ ମଣିଷମରା କାରଖାନାରୁ ଜନ୍ମିଥିବା ପେଷାଦାର ହତ୍ୟାକାରୀମାନଙ୍କ ମୁହଁରେ ପ୍ରଚଣ୍ଡ ଭାଷଣ, କାମରେ ଅକଥନୀୟ ଶୋଷଣ। ଯାହାଫଳରେ ଏମାନଙ୍କ ଉତ୍ପୀଡ଼ନରେ ଅନେକ ମାଓବାଦୀ ସମୟକ୍ରମେ ଆତ୍ମସମର୍ପଣ କରୁଛନ୍ତି। କିଛିଦିନ ପାଇଁ କିଛିଲୋକଙ୍କୁ ଭୂଆଁ ବୁଲାଇ ଦେଇହେବ, କିନ୍ତୁ ସବୁଦିନ ପାଇଁ ନୁହେଁ। ଯେଉଁମାନେ ଏମାନଙ୍କ ନୀତିରେ ଅତିଷ୍ଠ ହୋଇପଡୁଛନ୍ତି, ସେମାନେ ସମାଜର ମୁଖ୍ୟଧାରାକୁ ଆସୁଛନ୍ତି। ଅଥଚ ପରବର୍ତ୍ତୀ ସମୟରେ ଏମାନେ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ଖବରଦାତା କହି ହତ୍ୟା କରୁଛନ୍ତି। ମାଓବାଦୀ ବନାମ ପୁଲିସ ସଂଘର୍ଷରେ ୨୦୧୫ ସୁଦ୍ଧା ସାଧାରଣ ଲୋକ ୭,୭୧୯ ସଂଖ୍ୟାରେ ମୃତ୍ୟୁବରଣ କରିଥିବା ସ୍ଥଳେ ସୁରକ୍ଷାକର୍ମୀ ୨୭୦୭ ଓ ସନ୍ତ୍ରାସବାଦୀ ୩୦୦୯ ସଂଖ୍ୟାରେ ମୃତ୍ୟୁବରଣ କରିଛନ୍ତି। ଏଥିରୁ ପୁଲିସ ଓ ମାଓବାଦୀଙ୍କ ମୋଟ୍ ମୃତ୍ୟୁଠାରୁ ସାଧାରଣ ଲୋକଙ୍କ ମୃତ୍ୟୁ ଢେର ଅଧିକ ବୋଲି ପ୍ରମାଣିତ ହେଉଛି। ତେଣୁ ମାଓବାଦୀଙ୍କ ଅଭିଯାନ ଲୋକବିରୋଧୀ ବୋଲି ଏହି ସାମାନ୍ୟ ପ୍ରମାଣରୁ ଜାଣିହେବ। ଶ୍ରେଣୀ ଶତ୍ରୁ ନାମରେ ଏମାନେ ଯେତେ ଭାରତୀୟଙ୍କୁ ଗତ ୪୯ ବର୍ଷରେ ହତ୍ୟା କଲେଣି। ତାହା ଯୁଦ୍ଧ ତୁଳନାରେ କିଛି କମ୍ ନୁହେଁ। ଏମାନେ ଦେଶ ଭିତରେ ଲୋକଙ୍କ ବିରୁଦ୍ଧରେ ଲଢୁଛନ୍ତି। ବିଦେଶୀଙ୍କ ପ୍ରଶିକ୍ଷଣ, ଅସ୍ତ୍ରଶସ୍ତ୍ର, ସାହାଯ୍ୟ-ସହଯୋଗ ଓ ଅର୍ଥବଳରେ ଲଢୁଥିବା ଏହି ସନ୍ତ୍ରାସବାଦୀ ଗୋଷ୍ଠୀ ଚୀନ୍ ସେନା ପାଇଁ କାଠମାଣ୍ଡୁରୁ ତେଲେଙ୍ଗାନା ଯାଏଁ ଲାଲ କରିଡ଼ର ନିର୍ମାଣ କରୁଛନ୍ତି, ଯାହାକୁ ଆଧାର କରି ଚୀନ୍‌ର ପିପୁଲସ ଆର୍ମି ଆଗାମୀ ଦିନରେ ଏମାନଙ୍କୁ ନେପାଳପଟୁ ସମର୍ଥନ ଯୋଗାଇବ ଓ ଏହି ଅଞ୍ଚଳ ମୁକ୍ତ ହୋଇ ଚୀନ୍ ଶାସନାଧୀନ ହେବ। ଏମାନଙ୍କ ସହଯୋଗରେ ଚୀନ୍ ସେନା ଭାରତ ଭିତରକୁ ଆସି ଭାରତର ଅଞ୍ଚଳ ମାଡ଼ିବସି ମାଓଙ୍କ ଶାସନ ଚଳାଇବା ସହ ପରବର୍ତ୍ତୀ ସମୟରେ ଚୀନ୍ ସହ ସାମିଲ କରିବ। ଚୀନ୍‌ର ଚେଆରମେନ୍ ମାଓ ଯେଉଁ ଯୋଜନା ଏକଦା ନକ୍ସଲ୍‌ବାଦୀଙ୍କୁ ଧରାଇଥିଲେ ଏବେ ସେହି ଯୋଜନାରେ ମାଓବାଦୀମାନେ ମାଓଙ୍କ ନାମରେ ମାଡ଼ି ଚ୍ଚଲିଛନ୍ତି ଭାରତରେ, ଚୀନ୍‌ର ସାମ୍ରାଜ୍ୟ ବିସ୍ତାର ପାଇଁ। ଚୀନ୍‌ର ଚେଆରମେନ୍ ହିଁ ସେମାନଙ୍କ ଚେଆରମେନ୍। କାରଣ ଚୀନ୍‌ର ଶାସକ ହିଁ ସେମାନଙ୍କ ନେତା। ଭାରତରେ ବିଭାଜନ ପାଇଁ କାର୍ଯ୍ୟରତ ଏହି ଚୀନା ସମର୍ଥକମାନଙ୍କୁ ଦମନ କରଯିବା ଆବଶ୍ୟକ। ଠିକ୍ ସେହିପରି ଆନ୍ଧ୍ରର ନେତୃତ୍ୱ ଓଡ଼ିଶାରେ ଯେଉଁ ନେତୃତ୍ୱ ଜାହିର କରିବା ପାଇଁ ପ୍ରୟାସ କରୁଛନ୍ତି, ତା'ର ମୂଳୋତ୍ପାଟନ ଆବଶ୍ୟକ।

ସୂତାହାଟ,କଟକ-୧

# ସଂଘୀୟ ବ୍ୟବସ୍ଥାର ଅବସ୍ଥା କ'ଣ ?



ସୁଧାଂଶୁ ମହାପାତ୍ର



ସଂଘୀୟ ବ୍ୟବସ୍ଥା ଦେଶରେ ଗ୍ରହଣ କରାଯାଇଥିଲା ସବୁ ରାଜ୍ୟର ସମାନ ପରିମାଣରେ ବିକାଶ ସାଧନ ହୋଇପାରିବ ବୋଲି। କେନ୍ଦ୍ରରେ ଯେଉଁ ରାଜନୈତିକ ଦଳ କ୍ଷମତାରେ ରହିଲେ ମଧ୍ୟ ରାଜ୍ୟଗୁଡ଼ିକ ଯେପରି ସେମାନଙ୍କର ହକ୍‌ରୁ ବଞ୍ଚିତ ନହେବେ, ସେଥିପାଇଁ ଚିନ୍ତା କରାଯାଇଥିଲା। ମାତ୍ର ଦେଶ ସ୍ୱାଧୀନ ହେବା ପରଠାରୁ କେନ୍ଦ୍ରରେ ଯେଉଁ ଦଳ ସରକାର ଗଢ଼ିଲେ ମଧ୍ୟ ସଂଘୀୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇନାହାନ୍ତି। ଯାହାଫଳରେ ସ୍ୱାଧୀନତାର ଦୀର୍ଘଦିନ ପରେ ମଧ୍ୟ ଓଡ଼ିଶା ଭଳି ଏକ ସମ୍ପଦଭରା ରାଜ୍ୟ ବିକାଶ ପ୍ରତି ଧ୍ୟାନ ଦେବା କେନ୍ଦ୍ର ସରକାରଙ୍କର ଦାୟିତ୍ୱ, ମାତ୍ର ଭୋଟ ରାଜନୀତିକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ଏହି ବ୍ୟବସ୍ଥାକୁ ସକ୍ରିୟ କରିବାକୁ ଚାହୁଁନାହାନ୍ତି। ଓଡ଼ିଶାର ଅର୍ଥନୈତିକ ଅବସ୍ଥା ସ୍ୱାଧୀନତା ପରେ ଅତି ଶୋଚନୀୟ ରହିଥିଲା। ତେଣୁ କେନ୍ଦ୍ରରେ ଦୀର୍ଘଦିନ ଧରି ଶାସନ କରୁଥିବା ସରକାର, ଓଡ଼ିଶାକୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ଥିଲା। ମାତ୍ର ସେଥିରେ ବ୍ୟତିକ୍ରମ ଦେଖାଦେବା ଫଳରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟ ସହିତ ବିକାଶରେ ସମକକ୍ଷ ହୋଇପାରି ନାହିଁ। ରାଜ୍ୟରେ ଯେକୌଣସି ଦଳର ସରକାର ରହିଥିଲେ ମଧ୍ୟ କେନ୍ଦ୍ରରେ ରହିଥିବା ସରକାର ସଂଘୀୟ ବ୍ୟବସ୍ଥା ଅନୁସାରେ ତା'ର ହକ୍ ଦେବା କଥା। ମାତ୍ର ତାହା ସମ୍ଭବପର ହୋଇପାରି ନାହିଁ। ରାଜ୍ୟ ତା'ର ହକ୍ ନିୟମ ଅନୁସାରେ ପାଇବା କଥା, ମାତ୍ର ମାଗିଲେ ମଧ୍ୟ କେନ୍ଦ୍ର ଶୁଣୁନାହିଁ। ତେଣୁ ସଂଘୀୟ ବ୍ୟବସ୍ଥାକୁ କେନ୍ଦ୍ର ମାନୁଛି ବୋଲି କେମିତି କହିବା ? କେନ୍ଦ୍ରରେ କ୍ଷମତାରେ ରହୁଥିବା ସରକାର ଭୋଟ ରାଜନୀତିକୁ ଆଖି ଆଗରେ ରଖି ନିଜ ଦଳ କିମ୍ବା ମେଣ୍ଟର ସରକାର ରହିଥିବା ରାଜ୍ୟଗୁଡ଼ିକୁ ଅଧିକ ସୁବିଧା ସୁଯୋଗ ପ୍ରଦାନ କରୁଥିବା ବେଳେ ଓଡ଼ିଶା ପ୍ରତି ବୈମାତୃକ ଭାବ ପୋଷଣ କରି ଆସୁଥିବା ପରିଲକ୍ଷିତ ହେଉଛି। ରାଜ୍ୟଗୁଡ଼ିକର ବିକାଶ ନହେଲେ ଦେଶର ବିକାଶ ହୋଇପାରିବ ନାହିଁ ବୋଲି ଚନ୍ତା କରାଯାଇ ସଂଘୀୟ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମାତ୍ର ଏହାର ଆବଶ୍ୟକତାକୁ କେନ୍ଦ୍ର ସରକାର ଅଲୋଡ଼ା କରି ଦେଇଥିବା ଦେଖିବାକୁ ମିଳୁଛି। କେନ୍ଦ୍ରରେ ସରକାର ପରିବର୍ତ୍ତନ ହେଲେ ମଧ୍ୟ ବିରୋଧୀ ଶାସନ ଚାଲିଥିବା ରାଜ୍ୟ ପ୍ରତି କେନ୍ଦ୍ରୀୟ ଅବହେଳା ବନ୍ଦ ହେବା ଦେଖିବାକୁ ମିଳୁନାହିଁ। କେନ୍ଦ୍ରରେ ଯେଉଁ ରାଜନୈତିକ ଦଳ ଶାସନ କରୁଛି, ସେହି ଦଳ କେବଳ ନିଜର ରାଜନୈତିକ ଫାଇଦା ଦେଖୁଛି। ଓଡ଼ିଶା, କେନ୍ଦ୍ର ସରକାରଙ୍କ ପାଖରେ ଏ ସମ୍ପର୍କରେ ଦୀର୍ଘଦିନ ଧରି ଜୋର୍‌ଦାର ପ୍ରତିବାଦ କରିଆସୁଥିଲେ ମଧ୍ୟ କୌଣସି ଲାଭ ମିଳୁନାହିଁ। ତେଣୁ ରାଜ୍ୟ, କେନ୍ଦ୍ର ଉପରେ ସେତେ ଭରସା ନକରି ରାଜ୍ୟର ନିଜସ୍ୱ ଖର୍ଚ୍ଚରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଚାଲିଛି। କେନ୍ଦ୍ରରେ ଶାସନ ପରିବର୍ତ୍ତନ ହେବା ପରେ ସଂଘୀୟ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ବିକାଶରେ ପଛରେ ପଡ଼ିଥିବା ଓଡ଼ିଶାବାସୀ ଆଶା କରିଥିଲେ। ମାତ୍ର ତାହା ଦେଖିବାକୁ ମିଳୁନାହିଁ। ମହାନଦୀ ଜଳବିବାଦ ଏବଂ ପୋଲାଭରମ୍ ପ୍ରକଳ୍ପ ପ୍ରସଙ୍ଗରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଛତିଶଗଡ଼ ଏବଂ ଆନ୍ଧ୍ରକୁ ସହଯୋଗ କରୁଥିବା ବେଳେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ଜାଣି ମଧ୍ୟ ଓଡ଼ିଶାକୁ ଅଣଦେଖା କରୁଛି। ଯାହାଫଳରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ମୁହାଁମୁହିଁ ଅବସ୍ଥା ଦେଖାଦେଇଛି। ଓଡ଼ିଶାରେ ଦୀର୍ଘଦିନ ଧରି କେନ୍ଦ୍ରର ବିରୋଧୀ ଶାସନ ରହିଥିବାରୁ କେନ୍ଦ୍ରରେ ଶାସନ କରୁଥିବା ଜାତୀୟ ରାଜନୈତିକ ଦଳ ଓଡ଼ିଶାକୁ ତା'ର ନ୍ୟାର୍ଯ୍ୟ ଭାଗ ଦେବାକୁ ଚାହୁଁନାହିଁ। କାରଣ ରାଜ୍ୟରେ ନିଜ ଦଳର ଶାସନ ରହିଲେ ହିଁ କେନ୍ଦ୍ର ରାଜ୍ୟକୁ ତା'ର ହକ୍ ପ୍ରଦାନ କରିବାକୁ ନୀତି ଭାବେ ଧରିନେଇଛି। ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ମହାନଦୀ ଜଳ ବିବାଦ ଲାଗି ରହିଥିବା ବେଳେ କେନ୍ଦ୍ର ଛତିଶଗଡ଼ରେ ନିଜ ଦଳର ସରକାର ରହିଥିବାରୁ ରାଜ୍ୟର ବେନିୟମ କାର୍ଯ୍ୟକୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛି। ଅନ୍ୟପକ୍ଷରେ ଓଡ଼ିଶାରେ କେନ୍ଦ୍ର ବିରୋଧୀ ଶାସନ ରହିଥିବାରୁ ବୈମାତୃକ ଭାବ ପୋଷଣ କରୁଛି। ସେହିପରି ଆନ୍ଧ୍ରରେ ନିର୍ମାଣାଧୀନ ଥିବା ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡ଼ିଶା କ୍ଷତିଗ୍ରସ୍ତ ହେବ ବୋଲି ଜାଣି ମଧ୍ୟ କେନ୍ଦ୍ର ସରକାର ଏହି ଜାତୀୟ ପ୍ରକଳ୍ପର ନିର୍ମାଣ ଲାଗି ନିଜଆଡୁ ଆଗ୍ରହ ପ୍ରକାଶ କରି ଅର୍ଥ ମଞ୍ଜୁର କରିଛନ୍ତି। ଏହାଦ୍ୱାରା କେବଳ କେନ୍ଦ୍ର ଓ ରାଜ୍ୟ ନୁହେଁ ରାଜ୍ୟ ଓ ରାଜ୍ୟ ମଧ୍ୟରେ ମଧ୍ୟ ତିକ୍ତତା ବଢୁଛି। ଯାହା ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ। ତଥାପି କେନ୍ଦ୍ର ସରକାରଙ୍କର ନିଦ ଭାଙ୍ଗୁନି କି ଚେତା ମଧ୍ୟ ଫେରୁନି। ଭୋଟ ରାଜନୀତି ହିଁ ସବୁକିଛି ହୋଇଯାଇଛି। ଭୋଟ ରାଜନୀତି ହିଁ ସବୁକିଛି। ତେଣୁ ସଂଘୀୟ ବ୍ୟବସ୍ଥା ଏକପ୍ରକାର ଅଚଳପ୍ରାୟ ହୋଇଯାଇଛି। ଯେଉଁ ରାଜନୈତିକ ଦଳ ବା ମେଣ୍ଟ କେନ୍ଦ୍ରରେ ସରକାର ଗଠନ କରୁଛି, ସେହି ଦଳ ଓ ମେଣ୍ଟ ଦେଶର ସବୁ ରାଜ୍ୟରେ ନିଜର ଶାସନ ପ୍ରତିଷ୍ଠା କରିବାକୁ ଚାହୁଁଛି। ତେଣୁ ବିରୋଧୀ ଶାସନ ରହିଥିବା ରାଜ୍ୟ ପ୍ରତି ଅବହେଳା କରିବାକୁ ବାଧ୍ୟବାଧକ ହେଉଛି। ମାତ୍ର ଏଭଳି ଭାବନା କେନ୍ଦ୍ର ପାଇଁ କେବେହେଲେ ଲାଭଦାୟକ ହୋଇପାରିବ ନାହିଁ।

> **ଦେଶ ସାଧୀନ ହେବା ପରଠାରୁ କେନ୍ଦ୍ରରେ ଯେଉଁ ଦଳ ସରକାର ଗଢ଼ିଲେ ମଧ୍ୟ ସଂଘୀୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇନାହାନ୍ତି। ଯାହାଫଳରେ ସାଧୀନତାର ଦୀର୍ଘଦିନ ପରେ ମଧ୍ୟ ଓଡ଼ିଶା ଭଳି ଏକ ସମ୍ପଦଭରା ରାଜ୍ୟ ବିକାଶ ପ୍ରତି ଧ୍ୟାନ ଦେବା କେନ୍ଦ୍ର ସରକାରଙ୍କର ଦାୟିତ୍ୱ, ମାତ୍ର ଭୋଟ ରାଜନୀତିକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ଏହି ବ୍ୟବସ୍ଥାକୁ ସକ୍ରିୟ କରିବାକୁ ଚାହୁଁନାହାନ୍ତି।**

*ସେକ୍ଟର-୫, ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*

# ଲେଖନୀ ଚାଳନାରେ ମହିଳା



କୃଷ୍ଣ କୁମାର ମହାନ୍ତି

କ୍ରମେ ଅଧିକ ସଂଖ୍ୟକ ମହିଳା ଲେଖାଲେଖିଆଡ଼କୁ ଆଗ୍ରହୀ ହେବା ଓ ସେହିକ୍ରମରେ ସେମାନଙ୍କର ଆତ୍ମପ୍ରକାଶ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ଅଟେ। ମାତୃଭାଷାରେ ଲେଖିବା ସହିତ କେତେଜଣ ଭାରତୀୟ ନାରୀ ଇଂଲିଶ୍‌ରେ ସିଧାସଳଖ ଲେଖିଲେଣି। ସେମାନଙ୍କ ଭିତରେ ଲେଖିବାର ଏହି ପ୍ରବଣତାଟି ବଢୁଛି, ଯଦିଚ ସାହିତ୍ୟରେ ବ୍ୟକ୍ତିଗତ କୃତିତ୍ୱକୁ ନେଇ ସାଫଲ୍ୟ ଅର୍ଜନର ସୁଯୋଗଟି ଅତ୍ୟନ୍ତ ସୀମିତ, ତଥାପି ଲେଖାଲେଖି ପ୍ରତି ଆଗ୍ରହ ପୂର୍ବପର୍ଯ୍ୟନ୍ତ ମହିଳାମାନଙ୍କୁ ସାକ୍ଷର, ଶିକ୍ଷିତ କରିବା କଥାଟି ଥିଲା ଅତି ଅଭାବନୀୟ ଭାବରେ ଅବଦମିତ। ତେଣୁ ଏହି ଲେଖାଲେଖି କରିବା ବ୍ୟାପାରଟି ତହୁଁବଳି ଅକଳ୍ପନୀୟ ଥିଲା ମଧ୍ୟ। ଗତ ଶତକରେ ଯେଉଁ କେତେଜଣ ସ୍ୱଳ୍ପସଂଖ୍ୟକ ମହିଳା ଏ ବ୍ୟାପାରରେ ଏକ ଅଗ୍ରଣୀୟ ଭୂମିକା ନେଇଛନ୍ତି ସେମାନଙ୍କ ଭୂମିକା ଥିଲା ନିହାତି ଗୋପନ। ମୂଳତଃ ଆତ୍ମଜୀବନୀମୂଳକ ଲେଖା କିମ୍ବା ସ୍ୱାମୀ ସନ୍ତାନଙ୍କ ମୃତ୍ୟୁଜନିତ ଶୋକ ବା ବିଧବା ଯନ୍ତ୍ରଣା ପରି ବିଷୟ ଥିଲା ସେଇସବୁ ଘରୁଆ ଲେଖାର ଏକମାତ୍ର ଉପଜୀବ୍ୟ। ସେସବୁ ଲେଖା କିନ୍ତୁ ସାହିତ୍ୟ ମନପ୍ରାଣ ଦେଇ ଲେଖାଯାଉ ନଥିଲା କି ପ୍ରକାଶିତ ହେଉ ନଥିଲା। ଜନସାଧାରଣଙ୍କ ମଧ୍ୟରେ ପଠିତ ହେବାର କୌଣସି ତାଗିଦ୍ ବି ନଥିଲା। ମାତ୍ର ଏ ସମୟର ଚିତ୍ରଟି ଅତି ଚମତ୍କାର ଭାବେ ପରିବର୍ତ୍ତିତ। ବର୍ତ୍ତମାନ ଯାହା ଲେଖାଯାଉଛି ଆମ ସମୟର ନାରୀମାନେ ଯାହା ଲେଖୁଛନ୍ତି ତାହା ନିର୍ବିବାଦରେ ସାହିତ୍ୟ ଏବଂ ତାହା ପ୍ରକାଶିତ ହେଉଛି, ପଠିତ ହେଉଛି, ଆଲୋଚିତ / ସମାଲୋଚିତ ହୋଇ ଏକ ନିର୍ଦ୍ଦିଷ୍ଟ ମୂଲ୍ୟାୟନ ଭିତ୍ତିରେ ସାହିତ୍ୟ ମର୍ଯ୍ୟାଦା ଲାଭ କରିଛି। ଏ ସମୟରେ ସୃଷ୍ଟିଶୀଳ ମହିଳାମାନଙ୍କ କ୍ଷେତ୍ରରେ ଏହା ଅନେକ ବ୍ୟାପକ ଭାବରେ ଆସିଥିବାରୁ ଲେଖିଲେଖିକୁ ଅଧୁନା ଅନେକ ନାରୀ ଜୀବିକା ଭାବରେ ଗ୍ରହଣ କରିବାକୁ ମାନସିକ ପ୍ରସ୍ତୁତି ନେଲେଣି। ଏଭଳି ଏକ ସମୟ ଆମ ଓଡ଼ିଶାରେ ସଠିକ୍ ଭାବରେ ଆସିନାହିଁ ବୋଲି ଏ ପ୍ରସଙ୍ଗକୁ ଏଡ଼ାଇ ଦିଆଯାଇ ନପାରେ। ଅନେକ ଓଡ଼ିଆ ନାରୀ ଲେଖାଲେଖିରେ ବେଶ୍ ମନୋନିବେଶ କରିଥିବା ବେଳେ ନୂଆ ନୂଆ କେତେଜଣ ଏଥିରେ ପ୍ରବେଶ କଲେଣି ମଧ୍ୟ। କିଛି ନାରୀ, ଯେଉଁମାନଙ୍କ ଭିତରେ ଲେଖାଲେଖି ପ୍ରତି ଝୁଙ୍କ୍ ରହିଛି ସେମାନେ ଅଙ୍ଗୀକାରବଦ୍ଧ ଭାବେ ଲେଖିବା ଜଗତକୁ ଆସିଗଲେଣି। ଅନେକଙ୍କ ଭିତରେ ପ୍ରଚୁର ସମ୍ଭାବନାର ଝଲକ ମିଳେ। ଅନେକେ ଖ୍ୟାତି ଓ ଯଶଲାଭ କରିଛନ୍ତି ମଧ୍ୟ। ସେମାନଙ୍କୁ ଚିହ୍ନାଇବା ଅନାବଶ୍ୟକ। କାରଣ ସେମାନଙ୍କର ସଫଳତାର ସୁଗନ୍ଧଟି ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇସାରିଛି। କିଏ ଗଳ୍ପରେ, କିଏ ଉପନ୍ୟାସରେ ତ କିଏ କିଏ ପୁଣି ଇଂଲିଶ୍ ଓ ଓଡ଼ିଆ ଉଭୟ ଭାଷାରେ ସୁରୁଖୁରୁରେ ଲେଖିଲେଣି।

ଏଇ ଯେଉଁ ନାରୀମାନଙ୍କ କଥା କୁହାଯାଉଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଲେ ଗୃହବଧୂ, ସନ୍ତାନର ଜନନୀ ଏବଂ ଅନ୍ୟାନ୍ୟ ବୃତ୍ତିରେ ନିଯୁକ୍ତ। ବିଭିନ୍ନ କର୍ମରତା ମହିଳା ବି ଅଛନ୍ତି। ଅର୍ଥାତ୍ ଲେଖାଲେଖି ଛଡ଼ା ସେମାନଙ୍କର ନିଜସ୍ୱ ଏକ ଅଲଗା ଦୁନିଆ ଅଛି। ଏହି ଦୁନିଆ ସହିତ ସେମାନଙ୍କର ଏତେ ଘନିଷ୍ଠ ସମ୍ପର୍କ ଯେ ସେମାନେ ଏହାକୁ ଛାଡ଼ିରହିବା ସମ୍ଭବପର ହୁଏନା। ଏହି ଦୁନିଆଟି ସହ ସଂଯୁକ୍ତ ଥିବା କାରଣରୁ ଜଣେ ନାରୀ ହିସାବରେ ଜୀବନର ଯେଉଁସବୁ ସଦ୍ୟୋପଲବ୍ଧ ଗୂଢ଼ ଅଭିଜ୍ଞତା ସେମାନେ ସିଧାସଳଖ ଆହରଣର ସୁଯୋଗ ପାଆନ୍ତି ତାକୁ ସାହିତ୍ୟରେ ପ୍ରୟୋଗ କରିବା ପାଇଁ ସେମାନେ ଏକପ୍ରକାର ଅନ୍ତଃପ୍ରେରଣା ପାଇଥାନ୍ତି। ଫଳତଃ ସେମାନଙ୍କର ଏହିସବୁ ରଚନା ସୁଖପାଠ୍ୟ ଓ ସାହିତ୍ୟ ପଦବାଚ୍ୟ ହୁଏ। ଖାଲି ଏତିକି ନୁହେଁ ତନ୍ମଧ୍ୟରୁ ବେଶ୍‌କିଛି ରଚନା ଅଳ୍ପଦିନ ମଧ୍ୟରେ ବଜାରରୁ ନିଃଶେଷ ହୋଇଯିବାର ଏବଂ ଏକାଧିକ ସଂସ୍କରଣ ଓ ମୁଦ୍ରଣ କରାଯିବାର ନଜିର ମଧ୍ୟ ଅଛି। ଏହା କମ୍ କୃତିତ୍ୱର କଥା ନୁହେଁ – ବିଶେଷତଃ ଜଣେ ନାରୀ ଲେଖକ ପାଇଁ।

ଆମେ ଜାଣୁ, ଯୋଗ୍ୟାତା ବଳରେ ଜଣେ ନାରୀ ଆତ୍ମପ୍ରତିଷ୍ଠା ପାଇବା କେତେ କଷ୍ଟ, ଯେତେ କଷ୍ଟ ନୁହେଁ ଜଣେ ପୁରୁଷ ପାଇଁ। ପୁରୁଷ ତ ଏଠି ସହସା ନାରୀ ପାଇଁ ଜାଗାଟିଏ ଛାଡ଼ିବା ପାଇଁ ନାରାଜ। ଗୋଟେ ବଦ୍ଧମୂଳ ଧାରଣା ରହିଛି ଯେ ଆଗ ପୁରୁଷ, ତା'ପରେ ନାରୀ, ଯେ କୌଣସି ପ୍ରତିଷ୍ଠା ବା ସୁଯୋଗ ପାଇଁ ହେଉନା କାହିଁକି ! ପୁରୁଷ ପକ୍ଷରେ ଜଣେ କୃତୀ ଓ ସଫଳ ଇଂଜିନିୟର, ବ୍ୟବସାୟୀ ହେବା ଯେତେ କଠିନ, ସମାନ ବା ଅଧିକତର ଯୋଗ୍ୟତାସମ୍ପନ୍ନ ଜଣେ ନାରୀ ପକ୍ଷରେ ତାହା ବହୁଗୁଣରେ ବେଶୀ କଠିନ। ଏଥିପାଇଁ ନାରୀକୁ ପୁରୁଷ ଅପେକ୍ଷା ଏକାଧିକ ବାଧା ଓ ବନ୍ଧନର ଚଉକାଠ ଡେଇଁବାକୁ ପଡ଼ିଥାଏ। କୌଣସି କୌଣସି କ୍ଷେତ୍ରରେ ଜଣେ ଦୁଇଜଣ ମହିଳା, କ୍ଷମତାଶାଳୀ ପ୍ରତିଷ୍ଠିତ ପୁରୁଷ (ଗଡ୍‌ଫାଦର ନାମରେ ନାମିତ)ଙ୍କ ସ୍ନେହ ବା କୃପାଧନ୍ୟା ହୋଇ ଉପରକୁ ଉଠିବାରେ ସକ୍ଷମ ହୋଇଥିଲେ ବିନିମୟରେ ହୁଏତ ତାକୁ କିଛି ମୂଲ୍ୟ ପୈଠ କରିବାକୁ ପଡ଼ିଥାଏ। ସାହିତ୍ୟ ଶିଳ୍ପ (ସାହିତ୍ୟ କ'ଣ ଏଠି ଶିଳ୍ପ ହେଲାଣି ?)ରେ ମଧ୍ୟ ଏହି କଥାଟି ପ୍ରଯୁଜ୍ୟ। ଲେଖିବା ସ୍ତରରୁ ପ୍ରକାଶନ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ଭିତରେ ଜଣେ ନାରୀକୁ ଅନେକ ବାଧା ବିପତ୍ତି ଏମିତିକି ତିରସ୍କାର ଓ ଲାଞ୍ଛନାର ପାଚେରି ପାରେଇବାକୁ ପଡ଼େ। ଏତେ କିଛି ପରେ ଯେଉଁ ନାରୀ, ପୁରୁଷର ଅବାଧ ଚରାଭୂଇଁରେ ଆପଣା ମହିମାରେ ଦୀପ୍ତିମନ୍ତ ହୋଇଉଠେ, ତା'ର କୃତିତ୍ୱ ଯଥାର୍ଥରେ ଚମକପ୍ରଦ ଲାଗେ। ଏଇଥିପାଇଁ ସାଲଫା, ଏଲିଜାବେଥ୍ ବ୍ରାଉନିଂ ବା ଶେଲୀ ପ୍ରଭୃତି ଲେଖିକାଙ୍କ ଦୃଷ୍ଟାନ୍ତ ଦିଆଯାଇପାରେ।

ତେଣୁ ଲେଖନୀଚାଳନା କ୍ଷେତ୍ରରେ ନାରୀ-ପୁରୁଷ ଭିତରେ କୌଣସି ପାର୍ଥକ୍ୟ ନରହିଲେ ଯାଇ, କିଏ କେଉଁ ଘରାନାର ବୋଲି ଭେଦଭାବ ନରହିଲେ ଯାଇ ସାହିତ୍ୟର ବାତାବରଣ ଆହୁରି ଶୁଦ୍ଧପୂତ ହେବ – ଏଥିରେ କାହାରି ଦ୍ୱିମତ ହେବାର ନାହିଁ।

*ମାର୍ଫତ୍ : ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ*
*୪୫୧-ଏ, ଚାନ୍ଦମାରିପଡ଼ିଆ, ସହଦେବଖୁଣ୍ଟା, ବାଲେଶ୍ୱର-୧*

# ସନ୍ଧ୍ୟାରେ ନନ୍ଦନ



• ଡକ୍ଟର ମୌସୁମୀ ପରିଡ଼ା

**ଘ**ନଘୋର ବର୍ଷାକୁ ଖାତିର୍ ନକରି 'ନନ୍ଦନ' ବୁଲିଲା ଗଛଲତା, ପାହାଡ଼ ବନଭୂମି। ରିମଝିମ୍ ବର୍ଷାରେ ଭିଜିଭିଜି ଖୋଜୁଥିଲା ତାର 'ସାରା'କୁ। ବିରହ ବେଦନାରେ ଅସ୍ଥିର ନନ୍ଦନ ଖରା, ବର୍ଷା, ଶୀତ ଆଗରେ ହାର୍ ନମାନି ସାତକୋଶିଆ ଜଙ୍ଗଲର ସୀମା ଡେଇଁ ଚାଲି ଆସିଥିଲା ନନ୍ଦନକାନନ। ଖାସ୍ ତା ସାରା ପାଇଁ। ଅଥଚ ସେ ଆଜି ତା' ଠାରୁ ଢେର୍ ଦୂରରେ। ନିଃସଙ୍ଗ ଜୀବନ ଭିତରେ ସାରାର ଅଭାବ ତାକୁ ଦଂଶନ କରୁଥିଲା ବାରମ୍ବାର। ହେଲେ ସାରା ବି ତ ଗୋଟେ ଅପହଞ୍ଚ ଇଲାକାରେ ବନ୍ଦୀ! ହୁଏତ ସେ ଜାଣେ ନାହିଁ ଖାସ୍ ତା'ରି ପାଇଁ 'ନନ୍ଦନ' ଧାଇଁଆସିଛି କାହିଁ କେତେ ଦୂର ପଥ ଅତିକ୍ରମ କରି! ଏ ନୃଶଂସ ମାନବ ସମାଜ ଆଖିରେ ଧୂଳିଦେଇ। 'ସାରା' କ'ଣ ଜାଣିପାରିବ ତା ଆବେଗକୁ? ଗ୍ରହଣ କରିପାରିବ ତା ପ୍ରେମକୁ? ନନ୍ଦନ ମନତଳେ ସାରା ପାଇଁ ଅଜସ୍ର ପ୍ରଶ୍ନ।

ଚାରିଆଡ଼େ ଚର୍ଚ୍ଚା..କାଳେ ଜଙ୍ଗଲି ମହାବଳଟିଏ ବୁଲୁଛି ଚାରିଆଡ଼..କେଉଁ ଏକ ଆଦିମ କ୍ଷୁଧାରେ। କାହାର ଅନିଷ୍ଟ କରୁନି... ଅଥଚ ନିଜର ଉପସ୍ଥିତି ଜାହିର୍ କରୁଛି ବିଭିନ୍ନ ଇଲାକାରେ। ମଣିଷ ଆଖିତଳେ ସଂଶୟ ଓ ମନତଳେ ଅବିଶ୍ୱାସ। ସେ ହିଂସ୍ର ପଶୁଟା ମାନବ ସମାଜର କ୍ଷତି ସାଧନ କରିବନି ତ? ଦିନେ ତା'ର ଏହି ଆବେଗ ପାଇଁ ସେ ଫାଶବନ୍ଧ ହେଲା। ନନ୍ଦନକାନନର ବାଘ ସଫାରୀ ଭିତରେ ତାକୁ ନେଇ ନାନା ପରୀକ୍ଷା ନିରୀକ୍ଷା କରିବାର ଯୋଜନା ବି ତିଆରି ହେଲା। ଅଥଚ ବାଘୁଣୀ 'ସାରା' ସହିତ ମିଳନ ତ ଦୂରର କଥା... ଭେଟ ମଧ୍ୟ ହୋଇପାରିଲାନି। ଗୋଟେ ପରାଧିନ ଜୀବନକୁ ଆପଣେଇ ନେଇଥିବା ସେ ସ୍ୱାଧୀନ ପଶୁଟି ନିଜ ନିଃସଙ୍ଗତାକୁ ସହ୍ୟ କରି ପାରିଲାନି। ଦିନେ ତାର ସମସ୍ତ ଧୈର୍ଯ୍ୟବନ୍ଧ ତୁଟିଗଲା। ଅଠର ଫୁଟ ଉଚ୍ଚର ବଳିଷ୍ଠ ତାରବାଡ଼ ତାର ପ୍ରେମକୁ ବନ୍ଦୀ ବନାଇ ବେଶୀ ସମୟ ରଖିପାରିଲା ନାହିଁ। ସେ ପୁଣି ସାରାକୁ ଖୋଜିଲା ନନ୍ଦକାନନର ବଣ ଜଂଗଲସାରା। ଅଥଚ ସାରା ସତେଯେପରି ତା' ପାଇଁ ମାୟା ମରିଚୀକା ପାଲଟିଯାଇଛି। ସେଠି ସେ ସାରାକୁ ପାଇବା ପରିବର୍ତ୍ତେ ପାଇଛି ପ୍ରତାରଣା। ପରାଧିନତାର ଶୃଙ୍ଖଳ ତା' ଜୀବନକୁ ଭାଙ୍ଗିପକାଇଛି। ସେ ଜଙ୍ଗଲର ରାଜା... ତାକୁ କ'ଣ କୌଣସି ପାଚେରୀ ଆବଦ୍ଧ କରିପାରେ?

ତା'ର ବିଶାଳ ଶରୀର ଏବେ କ୍ଷୟମାଣ। ଆଉ ଚାଲିବାକୁ ବଳନାହିଁ। ଜଙ୍ଗଲରେ ଯାହା ମିଳୁଛି...ସେତିକିରେ ତା'ର ପେଟ ପୂରୁନାହିଁ। ମନ ବି ଦୁର୍ବଳ। ଯେଉଁ ସ୍ୱପ୍ନ ନେଇ ସେ ସାତକୋଶିଆ ଛାଡ଼ିଥିଲା, ପୁଣି ଛାଡ଼ିଥିଲା ତା'ର ବନ୍ଧୁ ପରିଜନମାନଙ୍କୁ, ସେ ସ୍ୱପ୍ନ ଆଜି ତାକୁ କ୍ଷୟ ଆଡ଼କୁ ନିକ୍ଷେପ କରିଛି। ସାରାକୁ ପାଇବା ଏବେ ଦୁଃସ୍ୱପ୍ନ। ନିଜ ଜନ୍ମସ୍ଥାନର ମୋହ ଏବେ ତାକୁ ଆକର୍ଷିତ କରୁଛି। ତା କ୍ଳାନ୍ତ ଶରୀରକୁ କୋଳେଇ ନେବାକୁ ଚାହୁଁଛି। ଅଥଚ ନନ୍ଦନ ଆଉ କୁଆଡ଼େ ଯିବାକୁ ଚାହେଁନି। 'ସାରା' ନିଃଶ୍ୱାସ ପ୍ରଶ୍ୱାସ ନେଉଥିବା ସ୍ଥାନଟିରେ ହିଁ ରହିବାକୁ ଚାହେଁ ସାରାଜୀବନ। କାଳେ ତାକୁ ଛୁଇଁ ପବନର ସ୍ପର୍ଶ କେବେଦିନେ ନନ୍ଦନକୁ ଆନମନା କରିଯିବ! ତା' ବାସ୍ନାରେ ସେ ଗୋଟାପଣେ ତନ୍ମୟ ହୋଇଉଠିବ! ପୁଣି କାଳେ ସେ ଭିଜିଯିବ ଓଦାମାଟି ପରି! ଗୋଟେ ଆଶାରେ ହିଁ ସେ ଜୀବିତ-କାଳେ କେବେ ଦିନେ ସାରା ନନ୍ଦନକାନନର ସୁଉଚ୍ଚ





ପାଚେରୀ ଡେଇଁ ମୁକୁଳି ଆସିବ ତା' ପାଖକୁ ଏକ ମଧୁର ସମ୍ମୋହନରେ। ନନ୍ଦନର ନିବିଡ଼ ଆକର୍ଷଣର ମାୟାରେ...!

– ସାରା, ତୁ କ'ଣ ମୋ ପରି ସେଠିକାର ପରାଧିନତାକୁ ଫେଡି ଆସିପାରନ୍ତୁନି ମୋ ପାଖକୁ? ମୁଁ ତ ତୋ ପାଇଁ ସବୁ ମୋହମାୟା ତ୍ୟାଗ କରି ଏତେ ବାଟରୁ ଧାଇଁ ଆସିଥିଲି! ପୂର୍ବଜନ୍ମରେ କଥା ଥିଲା ନା...ଆମେ ପୁଣି ଏକାଠି ହେବା। ତୋ ପାଇଁ ମୁଁ ଏମିତି ହଜାରେ ଜନ୍ମନେବାକୁ ଚାହେଁ ସାରା। ଅଥଚ ତୁ କେମିତି ଭୁଲି ଯାଇଛୁ ସବୁ? ଦେଖିପାରୁଛୁ– ମୋ ଦେହ ଏବେ ଅବଶ। ଆଖିର ତେଜ କମିଗଲାଣି। ମୁଁ ଏବେ ଶ୍ରୀହୀନ ଓ ପଚାସଢ଼ା ଖାଦ୍ୟ ଖାଇ ଅତିଶୟ ରୁଗ୍ଣ! ଅଥଚ ତୁ କୋଉ ମାୟାରେ ବନ୍ଦୀ? ଏ ମଣିଷମାନେ କ'ଣ ପଶୁମାନଙ୍କ ପ୍ରେମକୁ ବୁଝିପାରନ୍ତି...ସାରା? ମୁଁ ତୋ ଭଳି ପରାଧିନତା ସହ୍ୟ କରିପାରିବି ନାହିଁ। ମଣିଷର ଦୟାର ପାତ୍ର ହୋଇପାରିବି ନାହିଁ। ମୁକ୍ତ ଆକାଶ ତଳେ ବଞ୍ଚିବାକୁ ମୋର ବେଶୀ ପସନ୍ଦ। ପାରିବୁ ଯଦି ସବୁ ବନ୍ଧନ ତ୍ୟାଗକରି, ସମସ୍ତ ସୀମା ସରହଦ ପାରହୋଇ ତୁ ଦିନେ ଆସିବୁ ଏ ଜଙ୍ଗଲକୁ, ମୋର ବିଶ୍ୱାସ ଅଛି। ଆମେ ଏହି ବଣଜଙ୍ଗଲର ମୋହରେ ହଜିଯିବା ପୁଣିଥରେ। ଅବଶ୍ୟ ଜଙ୍ଗଲ ପଦା ହେଲାଣି! ହେଲେ ଏଠି ସ୍ୱାଧୀନତା ଅଛି...ସକଳ କଷ୍ଟ ସତ୍ତ୍ୱେ ଜିଇଁବାର ନିଶା ଅଛି।

ହଠାତ୍ ଗୋଟେ ତୀବ୍ର ଯନ୍ତ୍ରଣା ଭେଦ କରିଗଲା ତାର ସମସ୍ତ ଶରୀରକୁ। କିଛି ସମୟ ପରେ ସେ ଭୂଲୁଣ୍ଠିତ ହେଲା। ଟ୍ରାଙ୍କୁଲାଇଜରର ନିଶା ଧରିବା ପରେ ଦଳେ ଲୋକ ଧାଇଁଆସି ତାକୁ ଗାଡ଼ି ଭିତରକୁ ଟେକି ନେଇଗଲେ। ଗାଡ଼ିଟି ଚାଲିଲା ନନ୍ଦନକାନନର ସ୍ୱତନ୍ତ୍ର ପ୍ରକୋଷ୍ଠକୁ। ତାକୁ ନେଇ ପୁଣି ଆରମ୍ଭ ହେବ ସ୍ୱତନ୍ତ୍ର ଗବେଷଣା। ସେଠି 'ସାରା'କୁ ବି ରଖାଯାଇଥିବ! ଏବେ ସେ...ସାରାର ନିହାତି ନିକଟରେ। ଅଥଚ ନନ୍ଦନ ନିଶାରୁ ଉଠିପାରୁନି କି ବାରିପାରୁନି ତାର ପ୍ରାଣପିୟା... 'ସାରା'ର ଉପସ୍ଥିତିକୁ! ଜାଣିପାରୁନି ଯେ ସେ ଏବେ ପରାଧିନତାର ଅଧୀନରେ! ବୁଝିପାରୁନି ତା'ର ଏକମାତ୍ର ଚରମ ଲକ୍ଷ୍ୟର ପ୍ରାପ୍ତିକୁ...। ଏମିତି ଏକ ଗାଢ଼ନିଦରେ ଶୋଇଯାଇଛି ଯେ ତାକୁ ଆଉ କାହାରିକୁ ଅହର୍ନିଶ ପ୍ରତୀକ୍ଷା କରିବାକୁ ପଡ଼ିବନି।

*କ୍ୱା.ନଂ-୩ଆର୍ / ୪, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର, ଜଗତସିଂହପୁର*
*ଚଳଭାଷ : ୯୪୩୭୩୧୭୦୨୬*

## ବାବାଜୀ

• ଭାରତ ମାଝୀ



**ପ**ରିବା କାଟିଲି ମୁଁ
ତରକାରି ଖାଇଲା ଆଉ ଜଣେ,
ବିରି ବାଟିଲି ମୁଁ
ଚୁଲିମୁଣ୍ଡରୁ ଇ ପିଠା ମାରିନେଲେ
ଅନ୍ୟମାନେ।

ଲଡୁ ଭଳି ସୁନ୍ଦର ପୃଥିବୀ
କିଏ କହିଲା, ବୀର ହେଲେ ଭୋଗିବୁ,
କିଏ କହିଲା- ତୋର ଭାଗ ନାଇଁ
ଲଡୁରେ
ଆସିଚୁ, ଯିବୁ,
କିଏ କହିଲା, ଏ ପୁଆଣୀଘର
ଦି'ଦିନର
କୋଠା ବାଢ଼େଇବୁ ତ ପୁନାଦି ସଜାଡ଼।

ମୋର ସେଇ ପୋଇତଙ୍କରେ ମନ
ଲାଉ ମନ୍ଦାକରେ ମନ
ଦରଆଉଜା କବାଟ ପରି ଫାଳେ
ହସରେ ମନ,
ତାକୁ କିଳିବି କଣ? ହେଲେ
କିଳିବିନି ମାନେ! ମୁଁ ମୂଢ଼ମତି,
ଅଜ୍ଞାନ।

ଦିନେ ହାଟଫେରନ୍ତା
ବାଟତରାର ଡେଙ୍ଗୀ ତରାଟ ଗଛ
ଦେଖି ମୁଁ କାବା।
ଆସିଲେ ଯମଦଗ୍ନୀ
କହିଲେ- କୁରାଢ଼ି ଧର, ଶୁଣିଲି ନାଇଁ,
ଆସିଲେ ଋଷ୍ୟଶୃଙ୍ଗ
କହିଲେ ଯାଗ କର, ଶୁଣିଲି ନାଇଁ,
ଆସିଲେ ଦୁର୍ବାସା
କ'ଣ କହିଲେ, ବୁଝିଲି ନାଇଁ
ଶୁଣିବି କଣ, ବୁଝିବି କଣ, ମୁଁ ମର୍ତ୍ତ
ମଣ୍ଡଳେ ବାଇ।

ଏଇନା ବୁଝିଲି,
ମଲା କଙ୍କଡ଼ା ଓଲଟାଇବାକୁ ବି
ତାକତ୍ ନାଇଁ,
ତୁଚ୍ଛାରେ ଥାଟ, ବାଟ, ତାଳି।
ଯା', ମୁଁ ବାବାଜୀ ହେଲି।

*୨୯୯, ସେକ୍ଟର-୧*
*ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*

# ସମ୍ବାଦପତ୍ରର ଭୂମି ଓ ଭୂମିକା



• ଉମାକାନ୍ତ ରାଉତ

**ସ**ମ୍ବାଦପତ୍ରର ଧର୍ମକୁ ବିଚାରକୁ ନେଲେ, ଗୋଟିଏ ସମ୍ବାଦପତ୍ରର ଉତ୍ପତ୍ତି ତାରା ଫୁଟିବା ସହ ସମାନ ବୋଲି ଏ ଲେଖକର ଦୃଢ଼ମତ। ଆଜିର ଦିନରେ ସମ୍ବାଦପତ୍ରମାନେ ପ୍ରକୃତଭାବେ ଗଣତନ୍ତ୍ରର ଜାଗ୍ରତପ୍ରହରୀ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ ତାହା ଆଲୋଚନା ସାପେକ୍ଷ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସ୍ତମ୍ଭରେ ସେସବୁ ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇପାରେ। ହେଲେ, ଆଜିର ଶୁଭଦିନରେ ଗୋଟିଏ ସମ୍ବାଦପତ୍ରର ଜନ୍ମଦିନରେ ଭାରତର ମୁଦ୍ରଣ ଶିଳ୍ପର ଶିଳ୍ପର ପ୍ରେକ୍ଷାପଟ୍ଟରେ ଓଡ଼ିଶାରେ ସମ୍ବାଦପତ୍ରର ଉତ୍ପତ୍ତି ସମ୍ପର୍କରେ ଯତ୍‌କିଞ୍ଚିତ୍ ଆଲୋକପାତ କରିବା ପ୍ରାସଙ୍ଗିକ ମନେହୁଏ।

### ଭାରତୀୟ ପ୍ରେକ୍ଷାପଟ୍ଟ

ଯୀଶୁ ଭକ୍ତମାନଙ୍କୁ କୁହାଯାଏ ଯେଶିୟଟ୍ସ୍। ଏହି ଯେଶିୟଟ୍ସ୍‌ମାନେ ପଲାସୀ ଯୁଦ୍ଧର ଠିକ୍ ୨୦୦ ବର୍ଷ ପୂର୍ବେ ୧୭୫୭ ଖ୍ରୀ.ଅ.ରେ ଗୋଆଠାରେ ପ୍ରଥମ ମୁଦ୍ରଣ ଯନ୍ତ୍ର ସ୍ଥାପନ କରିଥିଲେ। କେବଳ ଯୀଶୁବାଣୀ ପ୍ରଚାରରେ ସୀମିତ ଥିଲା ଏହାର କାର୍ଯ୍ୟ। ଏହାର ଯଥେଷ୍ଟ ପୂର୍ବରୁ ହୁଏତ ପ୍ରିଣ୍ଟିଂ ପ୍ରେସ୍ ବସାଇବାର ଦକ୍ଷତା ଇଷ୍ଟଇଣ୍ଡିଆ କମ୍ପାନୀର ଥିଲା। ହେଲେ ସେମାନଙ୍କର କଳାକାରନାମା କାଳେ ପ୍ରେସ୍ ଜରିଆରେ ବ୍ରିଟେନ୍‌ର ରାଣୀଙ୍କ ପାଖରେ ପହଞ୍ଚିଯିବ, ସେହି ଭୟରେ କମ୍ପାନୀର କର୍ମକର୍ତ୍ତାମାନେ କୌଣସି ପ୍ରିଣ୍ଟିଂପ୍ରେସ୍ ବସାଇ ନଥିଲେ। ଯଦିଓ ଇଷ୍ଟଇଣ୍ଡିଆ କମ୍ପାନୀ ୧୬୮୪ ଖ୍ରୀ.ଅରେ ବମ୍ବେଠାରେ ପ୍ରେସ୍ ସ୍ଥାପନ କରିଥିଲେ, ହେଲେ ପରବର୍ତ୍ତୀ ୧୦୦ ବର୍ଷ ଯାଏ ସମ୍ବାଦପତ୍ର ପ୍ରକାଶ କରିବାର ନ୍ୟୁନତମ ଇଚ୍ଛା ମଧ୍ୟ ପ୍ରକଟ କରି ନଥିଲେ। ୧୭୭୬ ମସିହାରେ ଉଇଲିୟମ୍ ବୋଲ୍ଟ ନାମକ ଜଣେ ଅସନ୍ତୁଷ୍ଟ କର୍ମଚାରୀ ସମ୍ବାଦପତ୍ର ପ୍ରକାଶ କରି କମ୍ପାନୀର ବଡ଼ବଡ଼ୁଆମାନଙ୍କର ପ୍ରକୃତ ମୁଖା ଖୋଲିଦେବାର ପ୍ରଚେଷ୍ଟା କରିଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସତର୍କତା ଯୋଗୁଁ ତାହା ସାକାର ହୋଇପାରି ନଥିଲା। ୧୭୮୦ରେ ଜେମ୍ସ୍ ଅଗଷ୍ଟସ୍ ହିକେ ନାମକ ଅନ୍ୟଜଣେ ଅସନ୍ତୁଷ୍ଟ କର୍ମଚାରୀ 'ଦି ବେଙ୍ଗଲ ଗେଜେଟ୍ ବା କାଲ୍‌କାଟା ଜେନେରାଲ୍ ଆଡ୍‌ଭାଟାଇଜର୍ସ' ନାମକ ଏକ ସମ୍ବାଦପତ୍ର ପ୍ରକାଶ କଲେ। ଏହା ହିଁ ବସ୍ତୁତଃ ଭାରତର ପ୍ରଥମ ପ୍ରକାଶିତ ସମ୍ବାଦପତ୍ର ବୋଲି କୁହାଯାଇପାରେ।

ୱାରେନ୍ ହେଷ୍ଟିଙ୍ଗ୍‌ସ୍ ଏହି ସମ୍ବାଦପତ୍ରକୁ ଜବତ କଲେ ମଧ୍ୟ ସମ୍ବାଦପତ୍ର ପ୍ରକାଶନର ପ୍ରକ୍ରିୟାକୁ ଗତିରୋଧ କରିପାରିଲେ ନାହିଁ। ୧୭୮୨ରେ 'ବେଙ୍ଗଲ୍ ଗେଜେଟ୍' ବନ୍ଦ ହୋଇଗଲା। ହେଲେ ୧୭୮୪ରେ କାଲ୍‌କାଟା ଗେଜେଟ୍, ୧୭୮୫ରେ ବେଙ୍ଗଲ୍ ଜର୍ଣ୍ଣାଲ, ଓରିଏଣ୍ଟାଲ୍ ମ୍ୟାଗାଜିନ୍ ଅଫ୍ କାଲ୍‌କାଟା (ବା କାଲ୍‌କାଟା ଆମ୍ୟୁଜ୍‌ମେଣ୍ଟ), ୧୭୮୬ରେ କାଲ୍‌କାଟା କ୍ରନିକଲ୍, ୧୭୮୮ରେ 'ମାଡ୍ରାସ୍ କୋରିଅର', ୧୭୮୯ରେ 'ଦି ବମ୍ବେ ହେରାଲ୍ଡ୍' ପରି ନୂତନ ପ୍ରକାଶନମାନଙ୍କର ଆବିର୍ଭାବ ହେଲା। ଏଗୁଡ଼ିକର ପ୍ରସାରଣ ସଂଖ୍ୟା ମାତ୍ର ୧୦୦ରୁ ୨୦୦ ମଧ୍ୟରେ ସୀମିତ ଥିଲା ଏବଂ ଏଗୁଡ଼ିକ ଜାତୀୟ ଚେତନା ଓ ଅଭ୍ୟୁଦୟର ପରିପନ୍ଥୀ ନଥିଲେ।

୧୮୨୧ରେ ଭବାନୀ ଚରଣ ବନ୍ଦୋପାଧ୍ୟାୟ ଓ ତାରାଚାନ୍ଦ ଦତ୍ତଙ୍କ ମାଲିକାନାରେ ପ୍ରକାଶ ପାଇଲା ବଙ୍ଗଳା ସାପ୍ତାହିକୀ 'ସମ୍ବାଦ କୌମୁଦୀ'। ଏଥିରେ ଭାରତରେ ନବଜାଗରଣର ପଥ ଉନ୍ମୋଚନ କରିବାର ଅଙ୍ଗୀକାରବଦ୍ଧତା ନିହିତ ଥିଲା। ନବଭାରତର ନୂତନ ପ୍ରସ୍ଥ ରାଜା ରାମମୋହନ ରାୟ ଏହାର ସମ୍ପାଦନା କାର୍ଯ୍ୟ ତୁଲାଉଥିଲେ। ଏହା ହିଁ ବାସ୍ତବରେ ଭାରତରେ ସମ୍ବାଦପତ୍ର ପ୍ରକାଶନର ଆଦ୍ୟପର୍ବ। କ୍ରମେ ୧୮୨୨ରେ ଫର୍ଦ୍ଦୁବାଦୀ ମୁର୍ଜବାଦଙ୍କ ସମ୍ପାଦନାରେ 'ବମ୍ବେ ସମାଚାର' ପ୍ରକାଶ ପାଇଲା ଗୁଜୁରାଟୀ ଭାଷାରେ। ପରେ ପରେ ପତ୍ରପତ୍ରିକା ଓ ସମ୍ବାଦପତ୍ର ପ୍ରକାଶନର ଯୁଗ ଆରମ୍ଭ ହେଇଗଲା।

### ଓଡ଼ିଶା ଭୂଇଁରେ ସମ୍ବାଦପତ୍ରର ଉତ୍ପତ୍ତି

ଏ ଲେଖକର ଅନୁସନ୍ଧାନ ଅନୁଯାୟୀ ୧୮୨୨ରୁ ୧୮୩୮ ମଧ୍ୟରେ ଚୌଦ୍ୱାରର ଗୁଜିବର ମଠରୁ ସାଧୁସୁନ୍ଦର ଦାସଙ୍କ ଦ୍ୱାରା ହାତରେ ଲେଖାଯାଉଥିବା 'କୁଜିବରପତ୍ର' ଥିଲା ସମ୍ଭବତଃ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର। ଏହା ହରତାଳି କାଗଜ ଉପରେ ସୁନ୍ଦର ହାତ ଅକ୍ଷରରେ ଲେଖାଯାଉଥିଲା। ବଙ୍ଗଳାର 'ସମାଚାର ଦର୍ପଣ' ଭଳି ୧୮୪୯ରେ ରେଭେରେଣ୍ଡ ସି ଲେସିଙ୍କ ଦ୍ୱାରା ପ୍ରକାଶିତ 'ଜ୍ଞାନାରୁଣ' ଥିଲା ଓଡ଼ିଶାର ପ୍ରଥମ ମୁଦ୍ରିତ ସମ୍ବାଦପତ୍ର। ଏହାପରେ ୧୮୫୬ ଖ୍ରୀ.ଅ.ରେ ଉଇଲିୟମ୍ ଲେସିଙ୍କ 'ପ୍ରବୋଧ ଚନ୍ଦ୍ରିକା' ଓ ୧୮୬୧ରେ ଖ୍ରୀଷ୍ଟିଆନ୍ ଭର୍ଣ୍ଣାକୁଲାର୍ ସୋସାଇଟିର 'ଅରୁଣୋଦୋୟ' ପ୍ରକାଶିତ ହୋଇଥିଲେ ହେଁ ଓଡ଼ିଶାର ଜାତୀୟତା କି ଜାତି ଜନଜୀବନର କୌଣସି ଆଶା ଅକାଙ୍କ୍ଷାକୁ ପ୍ରକାଶ କରିବାର ସାମାନ୍ୟତମ ପ୍ରୟାସ ମଧ୍ୟ ଏଥିରେ କରାଯାଇ ନଥିଲା। ଓଡ଼ିଆ ଭାଷା, ଅସ୍ମିତା, ଗର୍ବ, ଗୌରବ କି ସ୍ୱାଭିମାନର କଥା କହିବାକୁ ଏମାନଙ୍କର ଆବଶ୍ୟକୀୟ ସାମର୍ଥ୍ୟ ମଧ୍ୟ ନଥିଲା।

ଏହି ଅସମର୍ଥପଣିଆର ତମସା ହିଁ ଜଗମୋହନ ଲାଲା, ଗୌରୀଶଙ୍କର ଓ ବିଚିତ୍ରାନନ୍ଦ ଦାସଙ୍କ ପରି ଜାତିପ୍ରେମୀମାନଙ୍କୁ ପ୍ରରୋଚିତ କଲା ୧୮୬୫ ମସିହା ଜୁଲାଇ ୧ ତାରିଖରୁ 'କଟକ ପ୍ରିଣ୍ଟିଂ କମ୍ପାନୀ' ପ୍ରତିଷ୍ଠା ଉଦ୍ୟମ ପାଇଁ। ଉତ୍କଳୀୟ ଜନଜୀବନର ଏହି ତମସାଚ୍ଛନ୍ନ ଦୁର୍ଦ୍ଦିନ ସମୟରେ, ନଅଙ୍କ ଦୁର୍ଭିକ୍ଷର କରାଳ ଛାୟା ମଧ୍ୟରେ ଉପରୋକ୍ତ ମହାପୁରୁଷମାନଙ୍କର ମିଳିତ ଉଦ୍ୟମକ୍ରମେ 'କଟକ ପ୍ରିଣ୍ଟିଂ କମ୍ପାନୀ' ଦ୍ୱାରା କର୍ମବୀର ଗୌରୀଶଙ୍କରଙ୍କ ସମ୍ପାଦନାରେ ୧୮୬୬ ମସିହା ଅଗଷ୍ଟ ୪ ତାରିଖରୁ ଆତ୍ମପ୍ରକାଶ କଲା 'ଉତ୍କଳ ଦୀପିକା'। ସେବେଳର ଉତ୍କଳୀୟ ଜନଜୀବନର ଘୋର ତମସାଚ୍ଛନ୍ନ ସମୟରେ ଏହାର ସୁଆବିର୍ଭାବ ନବଯୁଗର ଉଷାଲୋକ ପରି ପ୍ରତୀୟମାନ ହୋଇଥିଲା। ବସ୍ତୁତଃ ଏହି 'ଉତ୍କଳ ଦୀପିକା' ହିଁ ଓଡ଼ିଶାର ପ୍ରଥମ ମୁଦ୍ରିତ ସମ୍ବାଦପତ୍ର। ସେଥିପାଇଁ ଚିରବନ୍ଦନୀୟ ଗୌରୀଶଙ୍କରଙ୍କ ଭୂମିକାକୁ ଯଥୋଚିତ ସମ୍ମାନ ଜଣାଇ ଉତ୍କଳ ଭୂଇଁରେ ଲୋକରତ୍ନ ଡ. କୁଞ୍ଜବିହାରୀ ଦାଶ ଲେଖିଥିଲେ–

'ହାତେ ତୁମ ଦୀପିକାର କ୍ଷୀଣାଲୋକ ଶିଖା
ଚୌଦିଗେ ତିମିରଭରା ଉତ୍କଳ ଭୂମିର
ତୁମେ ଦିନେ ଲେଖିଥିଲ ଉତ୍କଳ ଭୂମିକା'

ଘୋର ତମସା କାଳରେ ଆଲୋକର ଉଜ୍ଜ୍ୱଳ ରେଖାପରି 'ଉତ୍କଳ ଦୀପିକା' କେବଳ ଓଡ଼ିଶାର ଜନଜୀବନର ଚିତ୍ର ପ୍ରଦାନ କରିବାରେ ସୀମିତ ନରହି, ଓଡ଼ିଆ ଜାତୀୟତା, ଭାଷା ସୁରକ୍ଷା, ସ୍ୱାଭିମାନ ଓ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କ୍ଷେତ୍ରରେ ପ୍ରମୁଖ ଓ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା।

କହିବା ବାହୁଲ୍ୟ ଯେ ସମ୍ବାଦପତ୍ରର ପ୍ରକୃତ ଲକ୍ଷ୍ୟ ତଥା ଆଭିମୁଖ୍ୟକୁ ଏହା ସୁଚାରୁରୂପେ ସମ୍ପାଦନ କରି ଏକ ସୁସ୍ଥ ସମାଜଗଠନ ଦିଗରେ ତଥା ଜାତୀୟତା ଉଦ୍ରେକ ଦିଗରେ ଏହା ସଠିକ୍ ଭାବେ କାର୍ଯ୍ୟ କରିପାରିଥିଲା। ଏହି ନୀତି ଓ ଆଦର୍ଶକୁ ଆଜିର ସମ୍ବାଦପତ୍ରମାନେ ଅନୁସରଣ କଲେ ସମାଜକୁ ପୋକଖିଆ ଚେତନା ଓ ବିକଳାଙ୍ଗ ମାନସିକତାର ରକ୍ଷା କରିପାରନ୍ତେ। ୧୮୬୯ରେ କବିବର ରାଧାନାଥ ରାୟ ଗୌରୀଶଙ୍କରଙ୍କୁ ଅଭିନନ୍ଦନ ଜଣାଇ ଲେଖିଥିଲେ–

'ଉତ୍କଳ ତିମିର ସହ କରି ତେଜ୍ଜରଣ
ଉତ୍କଳ ଦୀପିକା ରୂପ ପାଶୁପତ ଧରି
ବିରାଜେ କାଳନ୍ଧୁ ଯଥା ଚନ୍ଦ୍ରଚୂଡ଼ ଶିରେ
ତବଭାଲେ ଯଶଚନ୍ଦ୍ର ଭାତିବେ ଅଚିରେ।'

୧୮୬୬ରୁ ୧୯୧୫ ପର୍ଯ୍ୟନ୍ତ ଗୌରୀଶଙ୍କର 'ଉତ୍କଳ ଦୀପିକା'ର ସମ୍ପାଦନା ବୋଝ ସମ୍ଭାଳିଥିଲେ। ଓଡ଼ିଆ ଭାଷା ଆନ୍ଦୋଳନର ପ୍ରଥମ ଚିଠି, ଦୀନବନ୍ଧୁ ପଟ୍ଟନାୟକଙ୍କର ଚିଠିକୁ 'ଘୁମୁସର ଚିଠି' ନାମରେ ଗୌରୀଶଙ୍କର ଏଥିରେ ଛାପି, ପର୍ଯ୍ୟାୟକ୍ରମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟି ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ସହ ଏହାକୁ ଆଗକୁ ବଢ଼େଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଫକୀରମୋହନଙ୍କ ଭାଷାରେ–

'ହେ ଗୌରୀଶଙ୍କର ଧନ୍ୟ ତୁମର ସାହସ
ଦୀପିକା ଲେଖୁଛ ବସି ତିରିଶ ବରଷ
ନ ମାନି ବିପଦ ବାଧା ନଚାହିଁ ଦେହକୁ
ମନପ୍ରାଣ ସମରପି ପାଳିଛ ବ୍ରତକୁ
ଦେଖି ଦେଖି ତେରଦିନ ଜାଣିଛି ବିଶେଷ
ଅଟତୁମେ ଜଣେ MAN OF BUSY NESS।'

ଏହା ପରେ ପରେ ଓଡ଼ିଶାରେ ନିମ୍ନଲିଖିତ ସମ୍ବାଦପତ୍ରମାନ ପ୍ରକାଶ ପାଇବାକୁ ଲାଗିଲା–

୧୮୬୮ରେ 'ସମ୍ବାଦ ବାହିକା' (ବାଲେଶ୍ୱର)
୧୮୭୩ରେ 'ଉତ୍କଳ ଦର୍ପଣ'
୧୮୮୭ରେ 'ଓଡ଼ିଆ ନବସମ୍ବାଦ'
୧୮୮୯ରେ 'ସମ୍ବଲପୁର ହିତୈଷିଣୀ'
୧୮୯୬ରେ 'ଗଞ୍ଜାମ ନ୍ୟୁଜ୍'
୧୮୯୯ରେ 'ଗଞ୍ଜାମ ଓଡ଼ିଆ ହିତବାହିନୀ'
ଇତ୍ୟାଦି ଇତ୍ୟାଦି...।

ଉଲ୍ଲେଖନୀୟ ଏହିକି ଯେ ସମ୍ପୂର୍ଣ୍ଣ ଭାବେ ନହେଉ ପଛେ କିୟଦଂଶରେ ସମ୍ବାଦପତ୍ରମାନେ ଓଡ଼ିଶାରେ ସମ୍ବାଦପତ୍ର ମୁଖ୍ୟତଃ ଉତ୍କଳ ଦୀପିକା ଭଳି ସମ୍ବାଦପତ୍ରମାନଙ୍କର ଉତ୍ପତ୍ତି, ଇତିହାସ, ଆଭିମୁଖ୍ୟ ଓ କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରି ଅନୁସରଣ କରିପାରିଲେ ସମ୍ବାଦପତ୍ରର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ସହ ଗଣତନ୍ତ୍ରର ପ୍ରହରୀଭାବେ ସେମାନଙ୍କର ଉତ୍ପତ୍ତିକୁ ଅର୍ଥପୂର୍ଣ୍ଣ କରିପାରିବେ। 'ଏକମାତ୍ର'ର ଜନ୍ମଦିନରେ ଅଜସ୍ର ଶୁଭେଚ୍ଛା ସହ ଏହା ହିଁ ଆଶା ଓ ବିଶ୍ୱାସ।

ଜି.ଏ.- ୫୪୪ (ପ୍ରଥମ ମହଲା)
ଶୈଳଶ୍ରୀବିହାର, ଭୁବନେଶ୍ୱର-୨୧
ଦୂରଭାଷ - ୯୪୩୭୨୬୭୧୨୫

## ଯାତ୍ରାପଥ



• ଅକ୍ଷୟ ବେହେରା

**କି**ଏ ଡାକିଦେଲା
ଚାଲିଲି ପଛରେ ସାଂସାରିକ ଢେଉ
ଯାଉଥିଲି ଅତିକ୍ରମୀ ଖରାର ସମୁଦ୍ର
ଦେହେ ମାଖି ଝାଞ୍ଜିର ଜ୍ୱଳନ
ଭେଟ ହେବ କିଏ ଜଣେ
ଭିଜାଇବ ମେଘ ହୋଇ
ଏ ଦେହର ତାତିଲା ସ୍ପନ୍ଦନ।

କେତେ ସ୍ୱପ୍ନ ବୁଣିବୁଣି ବାଟସାରା
ଚାଲିଲି ମୁଁ ଭେଟିବାକୁ
ସ୍ୱପ୍ନର ନୀଳକଇଁ
ଶୁଣିବାକୁ ବୁକୁଥରା ଆତ୍ମାର ଗଜଲ।

ଭାବୁଥାଏ-
କେଉଁ ଆତଙ୍କରେ ଥରୁଥିବ
ଚନ୍ଦ୍ରମାର ନିଶୁନ ରାତି
କେଉଁ ସ୍ୱପ୍ନରେ ଝଲସୁଥିବ
ନୀଳିମାର ଛନଛନ ଆଖି
କେଉଁ ସ୍ପନ୍ଦନରେ ରହିରହି ଡାକୁଥିବ
ବିରହି ଚକୋରୀ
କେଉଁ ବିଛଣାରେ ଅଳସ ଭାଙ୍ଗୁଥିବ
ପ୍ରିୟତମ ଦୁଃଖ
କେଉଁ ନଦୀରେ ଭାସିଯାଉଥିବ
ପ୍ରୀତିର ଅମଉଳା ଫୁଲ।

ଶୋଇଥିବ ପ୍ରିୟମ୍ବଦା ଅପେକ୍ଷାର
ସଞ୍ଜବତୀ ଜାଳି
ଥରକୁ ଥର ଚମକୁଥିବ
ଦୁଆରେ କାହା ପାଦ ଶବ୍ଦ ଶୁଣି।

କେଉଁ ଅର୍ଚ୍ଚନାରେ ବନ୍ଦାଇବ ଦୂରାଗତ
କ୍ଳାନ୍ତ ପାଦ
କେଉଁ ଜଳ ସିଞ୍ଚି କେମିତି ପୋଛିବ
ଭିଜାଭିଜା ପରତରେ
କ୍ଳାନ୍ତ ଚିହ୍ନ ବର୍ଷ ପଥିକର
ପାରିବ କି ଶୁଣାଇ ପସନ୍ଦର ଗୀତଟିଏ
ମନ ମୁତାବକ...

ଏମ୍ ଆଇ ଜି (୨) ୬୫/୫
ଚନ୍ଦ୍ରଶେଖରପୁର
ଭୁବନେଶ୍ୱର, ୭୫୦୦୧୬

## ସେହିସବୁ ଦିନ

• ସନାତନ ବେହେରା

**ବ**ୟସର ଅପରାହ୍ନରେ
ତମକଥା ବେଶି ମନେପଡ଼େ
ହାତ ରଗଡ଼ିଦେଲ ବୋଲି
ସବୁକ'ଣ ଭୁଲି ହୋଇଯାଏ!

ନିରବରେ ଚୁପ୍‌ଚାପ୍ ବସିଥିବା ବେଳେ
ତମକଥା, ରାଗରକ୍ଷା
ମାନ ଅଭିମାନ
ତର୍ଜମା ହିଁ କରେ।
କାହିଁକି ଏପରି ହେଲା
ବୁଝିବା ମୁସ୍କିଲ,
ଅକଲ ଗୁଡମ୍ ହୁଏ
ତମକୁ ଏକଥା ସବୁ
ପଚାରିବି ବୋଲି
କାହିଁ ସେ ସୁଯୋଗ ଆଉ
ହାତ ପାହାନ୍ତାରେ
କେବଳ ଯା'ମନ ମାରିଦିନ।

(ଏକ ଦୀର୍ଘ କବିତାର କିଛି ଅଂଶ)

ମୁଖ୍ୟ ଗ୍ରନ୍ଥାଗାରିକ
ମହର୍ଷି କଲେଜ ଅଫ୍ ନ୍ୟାଚୁରାଲ ଲ'
ସହିଦ ନଗର, ଭୁବନେଶ୍ୱର

## କାଶତଣ୍ଡୀ



• ରସାନନ୍ଦ ସାହୁ

**ମୁଁ** ଯେବେ ତୋତେ ଭେଟିଛି
ତୋତେ ଛାଡ଼ିଯିବାର ବିବଶତାରେ
ଖୁସିର ବିଭୋରତାକୁ
ଗଳାଚିପି ମାରିଛି।

ତୁ ମାଟିର
କେରିକେରି ରେଶମୀ
ତୁଳାଭିଣା ମେଘ
ଶରତର ମୂର୍ଚ୍ଛିତ ସବୁଜିମା ପରେ
ସୌନ୍ଦର୍ଯ୍ୟର ଆଉ ଏକ
ସଫେଦ୍ ସ୍ୱର୍ଗ।

କି ଦୂର କି ପାଖ
ତୁ ମତୁଆଲା କରିଛୁ ମୋତେ
ତୋ ଶୁଭ୍ରଶ୍ୟାମଳ ବିମୁଗ୍ଧ
ପ୍ରେମ କବିତାରେ।

ତେତେ ଯେବେ ଦୂରରୁ ଦେଖିଛି
କୁଆଁରୀ ଜହ୍ନର ହସକୁରୀ ପରୀଟିଏ
କି ଶ୍ୱେତାମ୍ବରୀଟିଏ-!
ଠିଆ ହୋଇଛି
ମୋ'ରି ପ୍ରତୀକ୍ଷାରେ!!

ପାଖକୁ ଯାଇଛି ତ
ତୋ ସ୍ନିଗ୍ଧ ରୂପେଲି ଚଅଁରରେ
ମୋ ଗାଲ, ଓଠ, କପାଳ, ଛାତିକୁ
ସଲସଲ କରି
ହାଲୋଳ କରିଦେଇଛୁ
ମୋ' ଅଙ୍ଗରାଗ।

ତୁ ବା କାହିଁକି ମନ୍ତ୍ର ପଢ଼ି
ଆବାହନ କରନ୍ତୁ ଦେବୀଙ୍କୁ
ତୁ ତ ନିଜେ ବଶୀକରଣ ମନ୍ତ୍ର
ଶରତର ସୁଷମା ସୁନ୍ଦରୀ;
ଏଣୁ ତ ମା' ପହିଲେ ଥାପୁଥାପୁ
ତାଙ୍କ ରୁଣୁଝୁଣୁ ନୂପୁରର ପାଦ

କାଶତଣ୍ଡୀର ଏନ୍ତୁଡ଼ିଶାଳ
ପୃଥିବୀର ଦେବୀ / ମା'।

ପ୍ରିୟତମା!
ତୋ ଅଲୌକିକତାରୁ ଦେ'
ରେଣୁଏ କଳା
ମୋ ରିକ୍ତ ଆଞ୍ଜୁଳାରେ
ସରଗର ଦେବୀ ନହେଲେ ନାଇଁ
ମରତର ଦେବୀଙ୍କ ଓଠରେ ଫୁଟେଇବି
ତୋଓରି ପାଖୁଡ଼ାଏ
ଶିଶିରଭିଜା ମୁକୁତାର ହସ!!

ପ୍ଲଟ୍ ନଂ-୪୯୯/୧୪୮୬
ସାଇବିହାର, ଟଙ୍କପାଣି ରୋଡ଼
ଭୁବନେଶ୍ୱର-୭୫୧୦୧୮
ମୋ - ୯୪୩୯୫୮୩୬୭୮
୭୭୫୧୦୨୫୦୮୮

ଏକମାତ୍ର
ଅନୁସନ୍ଧାନ ପରେ ଖବର
EKAMAATRA 16th-22nd January, 2017, Bhubaneswar
ପରିକ୍ରମା





ପୁରୀ ଶ୍ରୀନଅରରେ ଗଜପତି ମହାରାଜ ଶ୍ରୀଶ୍ରୀ ଦିବ୍ୟସିଂହଦେବଙ୍କ ପୁଷ୍ୟାଭିଷେକ

# ପାପମୋଚନ କଲେ ହୃଷିକେଶ

**ପୁରୀ (ବ୍ୟୁରୋ) :** କ୍ଷମାକର ମହାବାହୁ। ଅଭିନୟତ କାଳରେ ଭୁଲ୍ ହୋଇଯାଇଛି। ଅଜାଣତରେ ଅନେକ କଟୁକଥା କହିପକାଇଛି। ସେଥିପାଇଁ ବଡ଼ପଣରେ କ୍ଷମା ଦିଅନ୍ତୁ ହେ ମହାବାହୁ। ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷିକେଶ ଭୋଇ ପୁରୀରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏଭଳି ଭାବେ କ୍ଷମାଭିକ୍ଷା କରିଛନ୍ତି। ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ଅଭିନୟ କାଳରେ ସେ କୃଷ୍ଣବଳରାମଙ୍କ ଉଦ୍ଦେଶ୍ୟରେ ନାନା କଟୁକଥା କହିଥିବାରୁ ଏଭଳି କ୍ଷମା ଆଶା କରିଛନ୍ତି। ପୌଷପୂର୍ଣ୍ଣିମାରେ ଧନୁଯାତ୍ରା ଶେଷ ହେବାପରେ ଶୁକ୍ରବାର ହୃଷିକେଶ ପୁରୀରେ ପହଞ୍ଚିଥିଲେ। ପାୟଶ୍ଚିତ ଉଦ୍ଦେଶ୍ୟରେ ସେ ସକାଳେ ପବିତ୍ର ମହୋଦଧିରେ ବୁଡ଼ ପକାଇ କଂସ ଭୂମିକାରେ ଅଭିନୟ କରିବା ପାଇଁ ପକାଇଥିବା ସଂକଳ୍ପ ପଇତାକୁ ବିସର୍ଜନ କରିବା ପରେ ଶ୍ରୀମନ୍ଦିର ଯାଇଥିଲେ। ସେଠାରେ ମହାପ୍ରଭୁଙ୍କୁ ଦର୍ଶନ କରି କ୍ଷମାଭିକ୍ଷା କରିଥିଲେ।



# ବିଲ୍ଡିଂପ୍ଲାନ୍ ନିୟମ ବଦଳାଇବ ବିଡିଏ



**ଭୁବନେଶ୍ୱର :** ରାଜଧାନୀରେ ଗୋଟିଏ ବିଲ୍ଡିଂରେ ଆବାସିକ ଓ ବାଣିଜ୍ୟିକ କେନ୍ଦ୍ର ରହିବ ଏବଂ ତଳମହଲାରେ ବାଣିଜ୍ୟିକ କାରବାର ହେବ ଓ ଉପରମହଲାରେ ଲୋକେ ବାସ କରିବେ। ୪୦-୫୦ ଫୁଟ୍‌ରାସ୍ତା ଥିବା ଅଞ୍ଚଳରେ ଏଭଳି ବିକାଶ ହୋଇପାରିବ ବୋଲି ଯୋଜନା କରିଛି ବିଡିଏ। ସମୟର ଆବଶ୍ୟକତା ଅନୁସାରେ ବିଲ୍ଡିଂପ୍ଲାନ୍ ନିୟମରେ ଏଭଳି ପରିବର୍ତ୍ତନ ଆଣିବାକୁ ବିଚାର ବିମର୍ଷ ଚଳାଇଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ପ୍ରାଚୀନ ଐତିହ୍ୟ ଓ କୀର୍ତ୍ତିରାଜିଗୁଡ଼ିକର ବି ଅଭିନବ ଉପାୟରେ ସଂରକ୍ଷଣ କରାଯିବ। ଏକାମ୍ରକ୍ଷେତ୍ରକୁ ଗୋଟିଏ ନିର୍ମାଣ ଢାଞ୍ଚାରେ ବିକଶିତ କରାଯିବ। ଏମିତି ଐତିହ୍ୟର ବାର୍ତ୍ତା ବାଣ୍ଟିବ ଏହିସବୁ କୋଠା। ଏଭଳି କିଛି ନୂଆ ପ୍ରସ୍ତାବକୁ ନେଇ ବଦଳିପାରେ ବିଡିଏର ପ୍ରଚଳିତ ବିଲ୍ଡିଂପ୍ଲାନ୍ ନିୟମ। ୨୦୦୮ରେ ବିଡିଏ ପକ୍ଷରୁ ଜାରି କରାଯାଇଥିଲା ବିଲ୍ଡିଂପ୍ଲାନ୍ ନିୟମ। ୨୦୧୩ ରେ ଏହାର ସଂଶୋଧନ କରାଯାଇଥିଲା। ଇତିମଧ୍ୟରେ ଭୁବନେଶ୍ୱରର କଳେବର ବଢ଼ିଛି। ସ୍ମାର୍ଟସିଟି ମିଶନକୁ ସାକାର କରିବା ନୂଆ ଚାଲେଞ୍ଜ ହୋଇଛି। କ୍ରମବର୍ଦ୍ଧିଷ୍ଣୁ କଂକ୍ରିଟ୍‌କୁ ତାଳ ଦେଇ ଐତିହ୍ୟ ଓ କୀର୍ତ୍ତିରାଜି ଅଞ୍ଚଳର ସଂରକ୍ଷଣ ଆଉ ଏକ ଚିନ୍ତାର ବିଷୟ। ଏଭଳି ବିଭିନ୍ନ ଦିଗକୁ ନେଇ ବିଲ୍ଡିଂ ପ୍ଲାନ ନିୟମରେ ପରିବର୍ତ୍ତନ ଆଣିବାକୁ ବିଡିଏ ଯୋଜନା କରିଛି। ଡ୍ରାଫ୍ଟ ରେଗୁଲେସନ୍ ପ୍ରସ୍ତୁତ ହେବା ସହ ଏହାକୁ ଆଇନରେ ପରିଣତ କରିବା ପୂର୍ବରୁ ବିଡିଏ ପକ୍ଷରୁ ରିୟଲ ଇଷ୍ଟେଟ ସଂସ୍ଥା, ଟାଉନ୍ ପ୍ଲାନର, ଆର୍କିଟେକ୍ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ ବୈଠକରେ କିଛି ବିଲ୍ଡର ସଂସ୍ଥା ବିଲ୍ଡିଂ ଉଚ୍ଚତା ୧୫ ମିଟରରୁ ୧୮ ମିଟରକୁ ବୃଦ୍ଧି କରିବା ସମ୍ପର୍କିତ ପ୍ରସ୍ତାବ ରଖିଥିଲେ ଏବଂ ପୂର୍ବ ନିୟମ କୋହଳ କରିବାକୁ ମତ ଦେଇଥିଲେ। ଗାଡ଼ିମଟର ସଂଖ୍ୟା ହୁ ହୁ ହୋଇ ବଢ଼ୁଥିବାରୁ ଏଣିକି ପ୍ରତି ବିଲ୍ଡିଂରେ ପାର୍କିଂ ପାଇଁ ଅଧିକ ଜାଗା ସଂରକ୍ଷିତ ନେଇ ନୂଆ ନିୟମ ଆଣିବା ଉପରେ ଆଲୋଚନା ହୋଇଥିଲା। ଦୁଇଦିନ ଭିତରେ ଏହାର ନକଲ ଅଂଶୀଦାରଙ୍କୁ ପଠାଯିବ। ପୁଣି ସେମାନଙ୍କ ମତାମତ ଉପରେ ଆଲୋଚନା ହେବ ବୋଲି କୁହାଯାଇଥିଲା।

# ସନ୍ଦେହରେ ପଞ୍ଚାୟତ ନିର୍ବାଚନ : ବିଚ୍ଛିନ୍ନାଞ୍ଚଳରେ ନିଦ ହଜିଲା

**ମାଲକାନଗିରି:** ମାଲକାନଗିରିରେ ପଞ୍ଚାୟତ ନିର୍ବାଚନ କିଭଳି ବିନା ବିଘ୍ନରେ ସମାହିତ ହେବ ସେନେଇ ରାଜ୍ୟ ନିର୍ବାଚନ କମିଶନଙ୍କଠାରୁ ଆରମ୍ଭକରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଚିନ୍ତାରେ ପଡ଼ିଲେଣି। ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ମାଓବାଦୀଙ୍କ ଖୋଲାଧମକ, ତା' ସାଙ୍ଗକୁ ବିଚ୍ଛିନ୍ନାଞ୍ଚଳରେ ନିର୍ବାଚନ ଅଧିକାରୀ ଅପହରଣ ନେଇ ସୃଷ୍ଟି ହୋଇଥିବା ହଟଚମଟ କାରଣରୁ ଏଭଳି ଆଶଙ୍କା ବଢ଼ିବାରେ ଲାଗିଛି।

ଗତବର୍ଷମାନଙ୍କରେ ମଧ୍ୟ ନିର୍ବାଚନକୁ ନେଇ ମାଓବାଦୀମାନେ ଏକାଧିକ କାଣ୍ଡ ଘଟାଇଛନ୍ତି। କେତେବେଳେ ପୋଲିଂ ଅଫିସରଙ୍କୁ ଅପହରଣ କରାଯାଇଛି ତ ଆଉ କେତେବେଳେ ଭୋଟ୍‌ବାକ୍ସ ଲୁଟ୍ କରିଛନ୍ତି। ନିର୍ବାଚିତ ପ୍ରତିନିଧିଙ୍କୁ ଇସ୍ତଫା ଦେବାକୁ ଚେତାବନୀ ଦିଆଯାଇଛି। ନିର୍ବାଚନରେ ପ୍ରାର୍ଥୀ ହେଲେ ମୃତ୍ୟୁଦଣ୍ଡର ଧମକ ବି ମିଳୁଛି। ନିର୍ବାଚନ ଆସିଲେ ମାଓଉପଦ୍ରୁତ ଅଞ୍ଚଳରେ ଏଭଳି ଆତଙ୍କର ନଗ୍ନରୂପ ଦେଖିବାକୁ ମିଳେ। ୨୦୧୨ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଧମକ ଓ ୨୦୧୪ ପଞ୍ଚାୟତ ନିର୍ବାଚନରେ ଇଭିଏମ୍ ଲୁଟ୍ ଆଦି ଦେଖିବାକୁ ମିଳିଥିଲା। କୋରାପୁଟ ଜିଲ୍ଲାର ରାମଗିରି ଅଞ୍ଚଳରେ ଭୋଟ୍ ଚାଲିଥିବା ବେଳେ ଇଭିଏମ୍ ଲୁଟି ନେବା ସହ ପୋଷ୍ଟର, ବ୍ୟାନର ଟାଙ୍ଗିଥିଲେ ଲାଲ୍‌ବାହିନୀର ସଦସ୍ୟ। ଏହି ଅଞ୍ଚଳରେ ୭ଟି ପଞ୍ଚାୟତ ରହିଛି। ଏଭଳି ପରିସ୍ଥିତିରେ ପଞ୍ଚାୟତ ନିର୍ବାଚନ କିପରି ସୁରୁଖୁରୁରେ ହୋଇପାରିବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ପୁରୀ : ଗ୍ଲୋରୀଫେଷ୍ଟରେ ଗ୍ଲୋରୀକୁଇନ୍ ମୁକୁଟ ବିଜୟିନୀ ଋତୁପର୍ଣ୍ଣ ଜେନା (ମଝି), ପ୍ରଥମ ରନର୍ସଅପ୍ ଶ୍ରୀତାପା ମିଶ୍ର (ପ୍ରଥମ) ଏବଂ ଦ୍ୱିତୀୟ ରନର୍ସଅପ୍ ମୋନାଲିସା ସାହୁ (ତୃତୀୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଗକୁ...

ଯାଜପୁର ଜିଲ୍ଲାର ଦଶରଥପୁର, ଝାରସୁଗୁଡ଼ାର କୋଲାବିରା, ଲଇକେରା, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଏବଂ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ପଞ୍ଚାୟତରେ ସଭ୍ୟ ପଦ ପାଇଁ ନିର୍ବାଚନ ହେବ ନାହିଁ।

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ଗ୍ରାମାଞ୍ଚଳର ମୋଟ୍ ୨ କୋଟି ୬୦ ଲକ୍ଷ ୯୨ ହଜାର ୫୦୭ ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ଭୋଟ୍ ଦେବା ପୂର୍ବରୁ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନଙ୍କ ପାଇଁ ନାମାଙ୍କନ ଦାଖଲ ଜାନୁଆରୀ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ୧୮ ତାରିଖରେ ହେବା ସହ ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଁ ଜାନୁଆରୀ ୨୧ ତାରିଖକୁ ଧାର୍ଯ୍ୟ କରାଯାଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା ପରେ ରାଜ୍ୟରେ ସବୁ ରାଜନୈତିକ ଦଳ ତତ୍ପର ହୋଇଉଠିଛନ୍ତି। ଦୀର୍ଘବର୍ଷର ରାଜ୍ୟ ଶାସନଭାର ତୁଲାଉଥିବା ବିଜେଡି, କେନ୍ଦ୍ରରେ କ୍ଷମତାସୀନ ଥିବା ବିଜେପି ଓ ଓଡ଼ିଶା ଶାସନଠୁ ଢେରଦିନ ହେବ ଦୂରରେ ରହିଥିବା ରାଜ୍ୟ କଂଗ୍ରେସ ଦଳ ପଞ୍ଚାୟତ ଦଖଲ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଏମାନଙ୍କ ସହ ଅନ୍ୟାନ୍ୟ ଛୋଟଛୋଟ ଦଳ ଏବଂ ଆଞ୍ଚଳିକ ଦଳମାନେ ମଧ୍ୟ କିଛି କିମିଆଁ କରିବା ଯୋଜନାରେ ଅଛନ୍ତି। ହେଲେ ପ୍ରମୁଖ ୩ଟି ଦଳ ଭିତରେ ହିଁ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେବ। ଏଥିପାଇଁ ଅନୁଭବ, ଅଭିଜ୍ଞତା ଓ ଦଳୀୟ କର୍ମୀଙ୍କ ସମର୍ଥନ ହିଁ ମୁଖ୍ୟ ଆଧାର ଭାବେ ସଫଳତା ଓ ବିଫଳତାର ମାପକାଠି ହୋଇପାରିବ। ଯାହାକୁ ନେଇ ନେତା, କର୍ମୀ ଓ ଭୋଟରଙ୍କ ମଧ୍ୟରେ ବି ବେଶ୍ ଉତ୍ସୁକତା ଦେଖିବାକୁ ମିଳୁଛି। ଫଳାଫଳ ଯାହା ହେଉ ନା କାହିଁକି ଚଳିତ ଥର ପଞ୍ଚାୟତ ନିର୍ବାଚନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ଜମାଣିଆ ହେବାର ଆଶା କରାଯାଉଛି। କାରଣ ଶାସକ ବିଜେଡି ଦୀର୍ଘବର୍ଷର ଶାସକୀୟ ଅନୁଭବ ଓ ନବୀନଙ୍କ ସ୍ୱଚ୍ଛ ଶାସନରେ ରାଜ୍ୟ ବିକାଶର କଥା କହି ଭୋଟ୍ ହାତେଇବାକୁ ଚେଷ୍ଟା କରୁଥିଲା ବେଳେ ରାଜ୍ୟ ବିଜେପି କେନ୍ଦ୍ରର ମୋଦି ସରକାରଙ୍କ ଦୁର୍ନୀତି ବିରୋଧୀ ଅଭିଯାନ, ସ୍ୱଚ୍ଛଶାସନକୁ ଅସ୍ତ୍ର କରି ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା କରିବ। ବିମୁଦ୍ରୀକରଣ ପରେ ଭୋଟରଙ୍କ ମଧ୍ୟରେ ରହିଥିବା ଅସନ୍ତୋଷକୁ ଅସ୍ତ୍ର କରିବ କଂଗ୍ରେସ। ଶାସକ ବିଜେଡି ଓ ବିଜେପିର ମିଥ୍ୟା ଅପପ୍ରଚାର, ରାଜ୍ୟରେ ବଢ଼ିଚାଲିଥିବା ଦୁର୍ନୀତି ଓ ଅପରାଧ ପ୍ରସଙ୍ଗକୁ ମଧ୍ୟ ଉଠାଇ ଭୋଟରଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କରିବ କଂଗ୍ରେସ ଦଳ।

ତେବେ ସାଧାରଣ ଭୋଟରଙ୍କ ବିବେକ, ବୁଦ୍ଧି ଓ ବିଚାର ଉପରେ ଏସବୁ ଦଳ କେତେଦୂର ପ୍ରଭାବ ପକାଇବେ, ତାହା ଆଗାମୀ ସମୟ କହିବ। ତେବେ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନାଙ୍କ ବିରୋଧରେ ଆସିଥିବା ଯୌନକେଳେଙ୍କାରୀ ଅଭିଯୋଗ ଆସିବା ପରେ ନବୀନଙ୍କ ଭାବମୂର୍ତ୍ତି ଆଗପରି ଆଉ ସ୍ୱଚ୍ଛ ହୋଇ ରହି ନଥିବା କୁହାଯାଉଛି। ତେବେ ଶିକ୍ଷକମାନଙ୍କ ଦୀର୍ଘଦିନର ଦାବିକୁ ପୂରଣ ହୋଇଥିବାରୁ ଗ୍ରାମାଞ୍ଚଳରେ ଏହାର ସୁପ୍ରଭାବ ହାତେଇବାକୁ ଆଶା ରଖିଛି ବିଜେଡି।

ଅତ୍ୟନ୍ତ ସୁଚିନ୍ତିତ ଢଙ୍ଗରେ ରାଜ୍ୟ ବିଜେପି ନବୀନବାବୁଙ୍କ ଶାସନରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ନିଜ ସପକ୍ଷରେ ଭୋଟ ହାସଲ ପାଇଁ ମୋଦିଙ୍କ ଶାସନକୁ ଅସ୍ତ୍ର କରିଛି। ଆଉ ଏହି ଅସ୍ତ୍ର ବଳରେ ଘନ ଘନ ଆକ୍ରମଣ କରିବା ଯୋଜନାରେ ରହିଛି। ରାଜ୍ୟରେ ଶାସକ ବିଜେଡି କେନ୍ଦ୍ରର ଯୋଜନାକୁ ପୂର୍ବରୁ ନିଜ ଯୋଜନା କରି ଲୋକଙ୍କ ନିକଟତର ହେଉଥିବା ଜାଣି ବିଜେପି ମଧ୍ୟ ତାକୁ ଚେକ୍ ଦେବାକୁ ଏଥର ସଜବାଜ ହେଉଛି। ସେଥିପାଇଁ ଗରିବ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାକୁ ରାଜ୍ୟ ସରକାରଙ୍କ ଦ୍ୱାରା ନବାଣ୍ଟି କେନ୍ଦ୍ର ଗ୍ୟାସ୍ ମନ୍ତ୍ରଣାଳୟ ଦ୍ୱାରା ବଣ୍ଟାଯାଉଛି। ଅର୍ଥାତ୍ ପରୋକ୍ଷରେ ଏହା ବିଜେପି ଦଳ ବାଣ୍ଟୁଥିବା ଆଲୋଚନା କରାଯାଉଛି। ଶାସକ ଦଳର ନେତୃବର୍ଗ କିମ୍ବା ଅନ୍ୟକୌଣସି ଦଳର ନେତାଙ୍କୁ ଏହି ଯୋଜନାର ଛାଇ ମାଡ଼ିବାକୁ ଦେଉନାହିଁ ବିଜେପି। ଏହାଦ୍ୱାରା ପଞ୍ଚାୟତ ନିର୍ବାଚନରେ ମହିଳାଗୋଷ୍ଠୀଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ଦଳ ଆଶା ରଖିଛି।

ବିଜେପି ଆକ୍ରମଣ ପାଇଁ ପୋଲାଭରମ୍ ଓ ମହାନଦୀ ପ୍ରସଙ୍ଗକୁ ଢାଲ ଭାବେ ଗ୍ରହଣ କରିଛି ବିଜେଡି। କେନ୍ଦ୍ର ବିଜେପି ସରକାର ଯେଭଳି ଓଡ଼ିଶାକୁ ଅଣଦେଖା କରି ପୋଲାଭରମ୍ ପ୍ରକଳ୍ପ ଓ ମହାନଦୀ ଜଳ ପାଇଁ ଆନ୍ଧ୍ର, ଛତିଶଗଡ଼ ପାଇଁ ଓକିଲାତି କରୁଛି, ତାହାକୁ ପ୍ରସଙ୍ଗ କରି ଲୋକଙ୍କ ପାଖକୁ ଯିବ ବିଜେଡି। ସେହିପରି ପ୍ରତିଥର ପରି ଏଥର ମଧ୍ୟ ପଞ୍ଚାୟତ ନିର୍ବାଚନ ପାଇଁ ଶାସକ ବିଜେଡି ଆଗୁଆ ସୁପର ମାଷ୍ଟରପ୍ଲାନ୍ ତିଆରି କରିଛି। ଏଥିପାଇଁ ବିଧିବଦ୍ଧ ଯୋଜନା କରାଯାଇ ରଣନୀତି ପ୍ରସ୍ତୁତ ହୋଇଛି। ଜିଲ୍ଲାୱାରୀ ଗଣ୍ଡା ଗଣ୍ଡା ନେତାଙ୍କୁ ନବୀନ ନିବାସକୁ ଡକାଇ ବୈଠକ ହୋଇସାରିଛି। କଳେବଳେ କୌଶଳେ ଏହି ନିର୍ବାଚନ ଜିଣିବା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି ନବୀନବାବୁ। ନିର୍ବାଚନର ପ୍ରଦର୍ଶନକୁ ଭିତ୍ତିକରି ୨୦୧୯ ସାଧାରଣ ନିର୍ବାଚନ ପାଇଁ ଦଳୀୟ ଟିକେଟ୍ ବଣ୍ଟନ ହେବ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏକଥା ଶୁଣିବା ପରେ ଆଶାୟୀ ପ୍ରାର୍ଥୀମାନେ ଡରିଯାଇଥିବା ଖବର ମିଳିଛି।

ଏହି ଦୁଇଦଳର ଗୋଳିଆ ରାଜନୀତିରୁ ଫାଇଦା ଉଠାଇବା ଚକ୍କରରେ ରହିଛି ରାଜ୍ୟ କଂଗ୍ରେସ। ଶାସକ ବିଜେଡିର ବିଭିନ୍ନ ଜନବିରୋଧୀ କାର୍ଯ୍ୟ ତଥା ସରକାରଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ପ୍ରସଙ୍ଗ, ନେତାମାନଙ୍କ କେଳେଙ୍କାରୀକୁ ଲୋକଲୋଚନକୁ ଆଣି ନିଜ ସପକ୍ଷରେ ଭୋଟ ଦେବାକୁ ଲୋକଙ୍କୁ ପ୍ରବର୍ତ୍ତାଇବ।

ତେବେ ଆଗକୁ କେଉଁ ଦଳ ଲୋକଙ୍କର ଆସ୍ଥାଭାଜନ ହୋଇପାରିବ, ସେଥିପାଇଁ ଗାଁ ଗାଁରେ କର୍ମୀ ସମ୍ମିଳନୀ ଓ ରାଜ୍ୟସ୍ତରରେ ବୈଠକମାନ ବସୁଛି। ଧୀରେ ଧୀରେ ପଞ୍ଚାୟତ ନିର୍ବାଚନ ଉଷ୍ମତା ସାରା ରାଜ୍ୟକୁ ଗରମ କରିବାରେ ଲାଗିଛି। ତେବେ ମାର୍ଚ୍ଚ ୧୨ ତାରିଖରେ ହିଁ ଜଣାପଡ଼ିଯିବ ଯେ ପଞ୍ଚାୟତ ନିର୍ବାଚନର କିଏ ଅସଲ ଦାବିଦାର ?

## ଆଇନ୍ ନୁହେଁ...

ଯୁବପିଢ଼ି ନିଜ ଭବିଷ୍ୟତ ଗଢ଼ିବା ବୟସରେ ନିଜର କ୍ଷଣିକ ଉତ୍ତେଜନା ହେଉ କି ଆଗ୍ରହ ହେଉ ଏମିତି ଦୁର୍ଘଟଣାମାନଙ୍କ ଘଟାଇଥିବାର ଅନେକ ନଜିର ରହିଛି। ଛୋଟ ଛୋଟ ଭୁଲ୍ ପାଇଁ ସେମାନେ ନିଜର ମୂଲ୍ୟବାନ୍ ଜୀବନ ହରାଉଥିବା ବେଳେ ନିଜ ପରିବାର ପାଇଁ ଏହା ଅପୂରଣୀୟ କ୍ଷତି ପହଞ୍ଚାଇଥାଏ। ବହୁ ଅର୍ଥ ବ୍ୟୟ କରି ପିଲାଙ୍କୁ ଶିକ୍ଷିତ କରାଇଥିବା ବାପା, ମା'ଙ୍କର ସ୍ୱପ୍ନ ଧୂଳିସାତ୍ ହୋଇଯାଏ। ଅନ୍ୟକ୍ଷେତ୍ରରେ ଘରର ଏକମାତ୍ର ରୋଜଗାରକ୍ଷମ ମଣିଷ ଦୁର୍ଘଟଣାରେ ଜୀବନ ହାରିଲେ ତାଙ୍କ ପରିବାର, ସ୍ତ୍ରୀ, ଛୁଆପିଲାଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଏ। ଜଣଙ୍କ ଜୀବନ ଉପରେ ପରିବାରର ଅନ୍ୟ ସଦସ୍ୟଙ୍କ ଜୀବନ ନିର୍ଭର କରେ। ନିଶା ସେବନ କରି ହେଉ ଅବା ନିୟମ କାନୁନ୍ ନମାନି ବେପରୁଆ ଗାଡ଼ିଚାଳନା ଯୋଗୁଁ ଏଭଳି ଘଟଣାମାନ ସମାଜ ପାଇଁ ବହୁତ କ୍ଷତି ପହଞ୍ଚାଏ।

ବିଜ୍ଞାନର ବିକାଶ ପରେ ଦେଶରେ ଏବେ ଉନ୍ନତମାନର ରାସ୍ତା ନିର୍ମାଣ, ରାସ୍ତା ଚଉଡ଼ା ସାଙ୍ଗକୁ ଟ୍ରାଫିକ୍ ସଚେତନତା ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ସଡ଼କ ସୁରକ୍ଷା କ୍ଷେତ୍ରରେ ସରକାର ଯେଭଳି କାର୍ଯ୍ୟପନ୍ଥା ଗ୍ରହଣ କରିବା କଥା, ସେଥିରେ କିଛି ଊଣା ଥିବା ପରି ମନେହେଉଛି। ଫଳରେ ଲୋକେ ସଚେତନ ହୋଇପାରୁନାହାନ୍ତି। ତେଣୁ ଦିନକୁ ଦିନ ଦୁର୍ଘଟଣାର ସଂଖ୍ୟା ବୃଦ୍ଧି ପାଉଛି। ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବାନ୍ଧିବା ନିୟମକୁ ଚାଳକମାନେ ମାନୁ ନଥିବାରୁ ଦୁର୍ଘଟଣାରୁ ବର୍ତ୍ତିପାରୁ ନାହାନ୍ତି। ସେହିଭଳି ଦୁଇଚକିଆ ଯାନରେ ଗଲାବେଳେ ହେଲମେଟ୍ ନପିନ୍ଧିବା, ଫୋନ୍‌ରେ ଗପି ଗାଡ଼ିଚଳାଇବା, ଅଧିକ ବେଗରେ ଗାଡ଼ି ଚଳାଇବା, ନିଶାଦ୍ରବ୍ୟ ସେବନ କରି ଡ୍ରାଇଭିଂ କରିବା ଯୋଗୁଁ ଅନେକ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି। ସେହିଭଳି ସଡ଼କ ସୁରକ୍ଷା ପାଇଁ ବିଭିନ୍ନ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଯୋଗୁଁ ଦୁର୍ଘଟଣାମାନ ଘଟୁଛି। ଏ ମଧ୍ୟରେ ଯୁବପିଢ଼ିମାନେ ଅଧିକ ସଚେତନ ହେବା ପରିବର୍ତ୍ତେ ଅତ୍ୟନ୍ତ ଖାମଖିଆଲି ହେବା ଦ୍ୱାରା ଏଭଳି ସଂଖ୍ୟା ଦ୍ୱିଗୁଣିତ ହେଉଥିବା ଖବର ପ୍ରକାଶ ପାଉଛି।

ଅନ୍ୟପକ୍ଷରେ କୌଣସି ଦୁର୍ଘଟଣା ଘଟିବା ପରେ ଲୋକମାନେ ରାସ୍ତା ଅବରୋଧ କରି ପୋଡ଼ାଜଳା ଆରମ୍ଭ କରିଦିଅନ୍ତି। ଆଉ କ୍ଷତିପୂରଣ ଦାବି କରନ୍ତି। ହେଲେ ବାସ୍ତବ କଥା ପ୍ରତି କାହାର ଦୃଷ୍ଟି ନଥାଏ। ବେଳେବେଳେ ବାଇକ୍‌ରେ ୩ ଜଣ ଯାତ୍ରା କରୁଥିବା ଦେଖାଯାଇଥାଏ। ଯାହା ଦୁର୍ଘଟଣାକୁ ଡାକିଆଣେ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଭାଗୀୟ ଅଧିକାରୀମାନେ ବାଇକ୍‌ଚାଳକର ହେଲମେଟ୍ ଯାଞ୍ଚ କରନ୍ତି। ମାତ୍ର ପଛରେ ବସିଥିବା ବ୍ୟକ୍ତି ପାଇଁ ଏହା ଲାଗୁ ହେଉନି। ଦୁର୍ଘଟଣା ଘଟିଲେ କ'ଣ କେବଳ ଚାଳକ ଆହତ ହୋଇଥାଏ ? ପଛରେ ବସିଥିବା ବ୍ୟକ୍ତିଜଣକ ଯେ ଆହତ ନହେବ ସେ ଗ୍ୟାରେଣ୍ଟି କିଏ ଦେବ ? ଆଜିର ଯୁବସମାଜ ଜାଣିବା ଦରକାର ଯଦି ବି ସେ ଘଣ୍ଟା ପ୍ରତି ୫୫ କିଲୋମିଟର ବେଗରେ ଗାଡ଼ି ଚଳାଏ, ତା'ପୁଣି ବିନା ହେଲମେଟରେ ତା'ହେଲେ ଗାଡ଼ିଟି ପ୍ରତି ସେକେଣ୍ଡରେ ୪୯ ଫୁଟ୍ ଅତିକ୍ରମ କରିଥାଏ। ଆଉ ଯଦି ସେହି ଗତିରେ ବିନା ହେଲମେଟ୍‌ରେ ଦୁର୍ଘଟଣା ଘଟେ ଗୋଟିଏ ଚାରିମହଲା ବିଶିଷ୍ଟ କୋଠାରୁ ତଳକୁ ପଡ଼ିଲେ ଯେତିକି ଆଘାତ ହେବ, ଗାଡ଼ିରୁ ତଳକୁ ପଡ଼ିଲେ ସେତିକି ଆଘାତ ହୋଇଥାଏ। ତେଣୁ ଏବେଠାରୁ ସାବଧାନ ହେବା ଆବଶ୍ୟକ ରହିଛି। କେବଳ ସରକାର ଓ ଆଇନ୍ କାନୁନ୍ ଉପରେ ସବୁକିଛି ଛାଡ଼ି ନଦେଇ ନିଜର ସୁରକ୍ଷା ପାଇଁ ନିଜେ ଅଣ୍ଟା ଭିଡ଼ିବାକୁ ପଡ଼ିବ। ବାଇକ୍‌ରେ ହେଲ୍‌ମେଟ ଓ କାର୍‌ରେ ଯାତ୍ରା କରୁଥିବା ବେଳେ ସିଟ୍‌ବେଲ୍ଟ ନିହାତି ପିନ୍ଧିବାକୁ ଚେଷ୍ଟା କରନ୍ତୁ। ସେହିପରି ଯଥାସମ୍ଭବ ସୀମିତ ବେଗରେ ଗାଡ଼ି ଚଳାନ୍ତୁ, ଯାହା ଆପଣଙ୍କ ଜୀବନ ବଞ୍ଚାଇବା କ୍ଷେତ୍ରରେ ଅମୋଘ ଅସ୍ତ୍ର ଭାବେ କାର୍ଯ୍ୟ କରିବ।

**ବି**ଶ୍ୱରେ ଐତିହ୍ୟ, ପରମ୍ପରା ଓ ବିଶ୍ୱାସକୁ ନେଇ ଅନେକ କଥା ଏବଂ କାହାଣୀମାନ ଲେଖାଯାଇଥିଲେ ସୁଦ୍ଧା ତାହାରି ମଧ୍ୟରେ ଅନେକ ରୋଚକ ତଥା ବିସ୍ମୟକର ଘଟଣାମାନ ରହିଛି। ଯାହାକୁ ଏବେ ବି ମଣିଷ ଠିକ୍ ଭାବେ ବୁଝିପାରିନି। ତେଣୁ ମଣିଷ ମନର ଅନିସନ୍ଧିତ୍ସୁ ଓ ଜିଜ୍ଞାସାର ଅନ୍ତ ଘଟିନି। ବସ୍ତୁବାଦର ସବୁ ପ୍ରକାର ସଫଳତା ସତ୍ତ୍ୱେ କିଛି କିଛି ପ୍ରମାଣସିଦ୍ଧ ଘଟଣାରେ ଛନ୍ଦି ହୋଇପଡ଼ିଛି ଆଧୁନିକ ମଣିଷର ବିଜ୍ଞାନୀମନ। କେଉଁଠି ଦୈବୀଶକ୍ତିର ପ୍ରଭାବ ତ ଆଉ କେଉଁଠି ଅଜଣା ରାଇଜର ଅନେକ ଅକୁହା କଥା ବିସ୍ମୟ ଭରିଦେଇଛି। ଅବିଶ୍ୱସନୀୟ ମନେହେଲେ ବି ଏମିତି କେତେକ ଘଟଣା ମଣିଷ ବିଶ୍ୱାସ କରିବାକୁ ବାଧ୍ୟ ହୋଇଛି। ଯେଉଁଠି ବିଜ୍ଞାନ ମଧ୍ୟ ହାର ମାନିଯାଇଛି। ଭାରତରେ ଥିବା ଅନେକ ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ଏବେ ବି ଅବୁଝା ରହିଛି। ଯେଉଁଠିକୁ ଗଲେ କେବଳ ଗୁଡ଼ାଏ ପ୍ରଶ୍ନବାଚୀ ସାଇତିବେ ମନ ଭିତରେ। କେଉଁଠି ମନ୍ଦିରର ସ୍ତମ୍ଭ ଶୂନ୍ୟରେ ଝୁଲୁଛି ତ ଆଉ କେଉଁଠି ଜଳନ୍ତା ନିଆଁରେ ଅଘୋର ତପସ୍ୟା ମଧ୍ୟରେ ଜୀବନ ଜିଉଁଛନ୍ତି ସାଧୁସନ୍ଥ। ଈଶ୍ୱରୀୟ ସତ୍ତା ଓ ଉପଲବ୍ଧି ଭିନ୍ନ ଭିନ୍ନ କଥା ହୋଇଥିଲେ ବି ଆଖି ସାମ୍ନାରେ ଦେଖୁଥିବା ଦୃଶ୍ୟକୁ କେମିତି ବା ମିଛ କହିବ ମଣିଷ ! ଉଡ଼ନ୍ତା ଥାଳିଆ ହେଉ ଅବା ଦେବତାଙ୍କ ମୂର୍ତ୍ତିର ଆକାରରେ ପରିବର୍ତ୍ତନ, ସବୁଥିରେ ଭରି ରହିଛି ଅଲୌକିକତା। ବର୍ଷ ପରେ ବର୍ଷ ବିତିଯାଇଥିଲେ ସୁଦ୍ଧା କେହି ସମର୍ଥ ହୋଇନାହାନ୍ତି ଏମିତି ରହସ୍ୟ ଉପରୁ ପରଦା ହଟାଇବା ଲାଗି। ବିଜ୍ଞାନ ଓ ବିକାଶ ଆକାଶ ଭେଦ କରିଥିଲେ ସୁଦ୍ଧା ରହସ୍ୟମୟ ଘଟଣାର ଅନ୍ତ ଘଟିପାରୁନି। ସେମିତି କିଛି ରହସ୍ୟକୁ ନେଇ ଆମର ଏ ସ୍ୱତନ୍ତ୍ର ଉପସ୍ଥାପନା। ଏହି ପୃଷ୍ଠାରେ ନିୟମିତ ଏଭଳି ଲେଖାମାନ ପ୍ରକାଶ ପାଇବ।

*ଉପସ୍ଥାପନା : ଜାହ୍ନବୀସୁତ*

# ଶୂନ୍ୟରେ ଝୁଲୁଛି ଲେପାକ୍ଷୀର ଶିବ ମନ୍ଦିର!





ବିଶାଳକାୟ ନନ୍ଦି ମୂର୍ତ୍ତି

ଅଦ୍ଭୁତ ଦୃଶ୍ୟ। ସହଜରେ ବିଶ୍ୱାସ କରିହେବ ନାହିଁ। ଏହା ଦୈବୀ ପ୍ରଭାବ ନା ଏକ ସଂଯୋଗ? ଏମିତି ଅନେକ ଭାବନା ମନ ଭିତରକୁ ଆସିବ ଯେତେବେଳେ ଆପଣ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ଲେପାକ୍ଷୀଠାରେ ଥିବା ବୀରଭଦ୍ର ମନ୍ଦିରକୁ ଯିବେ। କାରଣ ଏଠାରେ ଅନେକ ଆଶ୍ଚର୍ଯ୍ୟ କଲା ଭଳି ଦୃଶ୍ୟ ଆପଣଙ୍କ ସାମ୍ନାକୁ ଆସିବ। ସତରେ ଏ ଦୃଶ୍ୟ ହେଉଛି ବିରଳ ଏବଂ ରହସ୍ୟମୟ। ପ୍ରାୟ ଷୋଡ଼ଶ ଶତାବ୍ଦୀରେ ନିର୍ମିତ ଏ ସ୍ତମ୍ଭ ଭୂମିକୁ ସ୍ପର୍ଶ କରୁନାହିଁ। ତା'ହେଲେ ଏ ମନ୍ଦିରର ସ୍ତମ୍ଭ ରହିଛି କିପରି, ଏପରି ଅନେକ ପ୍ରଶ୍ନ ଆପଣଙ୍କ ମନକୁ ଆସିବ। ବୀରଭଦ୍ର ମନ୍ଦିରର ନିର୍ମାଣ ଶୈଳୀକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଏ ମନ୍ଦିର ନିର୍ମାଣ ସମୟରୁ ହିଁ ରହସ୍ୟମୟ। ଆପଣ ଭାବନ୍ତୁ ଶହଶହ ବର୍ଷ ତଳେ ନିର୍ମାଣ ହୋଇଥିବା ମନ୍ଦିରର ସ୍ତମ୍ଭ ଭୂମିକୁ ସ୍ପର୍ଶ ନକରି ରହିଛି କିପରି ! ଏହା କ'ଣ ରହସ୍ୟ ନୁହେଁ। ବିଜ୍ଞାନୀ ମଣିଷର ମନ ଅନେକ କାରଣ ଖୋଜିଛି। କିନ୍ତୁ ଯେତିକି ତଥ୍ୟା ପାଇଛି, ତାହା ସମସ୍ତଙ୍କୁ ସଠିକ୍ ଉତ୍ତର ଦେଇପାରି ନାହିଁ। ତେଣୁ ଯେଉଁ ରହସ୍ୟକୁ ସେଇ ରହିସ୍ୟରେ ରହିଯାଇଛି। ଏହି ମନ୍ଦିରଟି ବିଜୟନଗରମ୍ ଶୈଳୀରେ ନିର୍ମାଣ କରାଯାଇଛି। ମୁଖ୍ୟତଃ ଏହି ନିର୍ମାଣ ଶୈଳୀର ଏକ ବିଶେଷତ୍ୱ ହେଲା ଏହାର ପ୍ରତ୍ୟେକ ନିର୍ମାଣରେ କଳା କାରୁକାର୍ଯ୍ୟ ଭରି ରହିଛି। ଆଉ ଯେଉଁ ସ୍ତମ୍ଭ ଆପଣ ଦେଖିବାକୁ ପାଇବେ, ତାହା ମଧ୍ୟ ଖୁବ୍ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମନ୍ଦିରର ଶୋଭାକୁ ପରିଦର୍ଶନ କରିବା ସହ ବିଶେଷ ଭାବରେ ଝୁଲନ୍ତା ସ୍ତମ୍ଭକୁ ଦର୍ଶନ କରିଥାନ୍ତି। ସମସ୍ତଙ୍କ ମନରେ ରହିଥାଏ, ମନ୍ଦିରର ରହସ୍ୟକୁ ନେଇ ଅନେକ ପ୍ରଶ୍ନ। କେହି କେହି ଝୁଲନ୍ତା ସ୍ତମ୍ଭ ଦୈବୀ ପ୍ରଭାବର କାରଣ ବୋଲି କହିଥାନ୍ତି ତ ଆଉ କେହି ଏହାକୁ ମନ୍ଦିର ନିର୍ମାଣ କରିଥିବା ଶିଳ୍ପୀମାନଙ୍କର ଚାତୁରୀ ବୋଲି ଗ୍ରହଣ କରିଥାନ୍ତି। ତେବେ ଯେତେ କାରଣ ଖୋଜିଲେ ମଧ୍ୟ ଏହା ସାଧାରଣ ମଣିଷକୁ ଶାନ୍ତି ଦେଇପାରି ନାହିଁ। ଏହି ମନ୍ଦିରଟି ଷୋଡ଼ଶ ଶତାବ୍ଦୀରେ ବୀରୁପନ୍ନ ଓ ବୀରାନା ନାମକ ଦୁଇଭାଇ ନିର୍ମାଣ କରିଥିବାର ଜଣାଯାଏ। ଆଉ ଏ ଦୁଇଭାଇ ବିଜୟନଗରମ ରାଜ୍ୟରେ ପ୍ରଶାସକ ଭାବେ କାର୍ଯ୍ୟ କରୁଥିଲେ। କୁହାଯାଏ ଯେ ରହସ୍ୟମୟ ବୀରଭଦ୍ର ମନ୍ଦିର ନିର୍ମାଣ କରିଥିବା ଦୁଇଭାଇ ରାଜକୋଷରୁ ରାଜାଙ୍କ ଅଗୋଚରରେ ଅର୍ଥ ଆଣି ମନ୍ଦିର ନିର୍ମାଣରେ ଖର୍ଚ୍ଚ କରିଥିଲେ। ଯାହା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ମନ୍ଦିରର ପ୍ରାୟ ପ୍ରତ୍ୟେକ ନିର୍ମାଣରେ କିଛି ନା କିଛି ରହସ୍ୟ ପରିପୂର୍ଣ୍ଣ ହୋଇ ରହିଛି। ତେବେ ସବୁଠାରୁ ବଡ଼ ରହସ୍ୟ ହେଉଛି ଝୁଲନ୍ତା ସ୍ତମ୍ଭ, ଯାହା ସବୁବେଳେ ଅନେକ ସନ୍ଦେହ ମଧ୍ୟରେ ରହିଛି। ଯେତେବେଳେ ବି ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିଛନ୍ତି, ସେତେବେଳେ ସେମାନେ ଏହି ସ୍ତମ୍ଭ ପାଖକୁ ଆସିଥାନ୍ତି। ଆଉ ସ୍ତମ୍ଭର ଅଲୌକିକତାକୁ ଦେଖିଥାନ୍ତି। ଅଲୌକିକ ଓ ରହସ୍ୟରେ ପରିପୂର୍ଣ୍ଣ ଏ ସ୍ତମ୍ଭ କେବେଠାରୁ ଏପରି ଝୁଲନ୍ତା ଅବସ୍ଥାରେ ରହିଛି, ତା'ର ସଠିକ୍ ଉତ୍ତର ଏପର୍ଯ୍ୟନ୍ତ ମଧ୍ୟ ମିଳିପାରି ନାହିଁ। କିନ୍ତୁ ବର୍ଷ ବର୍ଷ ଧରି ଏ ରହସ୍ୟମୟ ସ୍ତମ୍ଭ ସବୁବେଳେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି କରିଛି। ଲେପାକ୍ଷୀର ବୀରଭଦ୍ର ମନ୍ଦିର ସବୁବେଳେ ରହସ୍ୟମୟ। ତେବେ ଏହି ଝୁଲନ୍ତା ସ୍ତମ୍ଭର ରହସ୍ୟ ଉନ୍ମୋଚନ କରିବା ପାଇଁ ସେତେବେଳେ ଇଂରେଜ ଶାସକମାନେ ଉଦ୍ୟମ କରିଥିଲେ। ସେମାନେ ଏହି ସ୍ତମ୍ଭକୁ ଉଦ୍ଦିଷ୍ଟ ସ୍ଥାନରୁ ଘୁଞ୍ଚାଇବା ପାଇଁ ମଧ୍ୟ ଚେଷ୍ଟା କରିଥିଲେ। କିନ୍ତୁ ତାହା ସମ୍ଭବ ହୋଇପାରି ନଥିଲା। ପ୍ରାୟ ୭୦ଟି ସ୍ତମ୍ଭ ଏହି ମନ୍ଦିରରେ ରହିଥିଲେ ମଧ୍ୟ ଏହି ସ୍ତମ୍ଭଗୁଡ଼ିକର ବିଶେଷତ୍ୱ କିନ୍ତୁ ଭିନ୍ନ। କେବଳ ବ୍ରିଟିଶ ଇଞ୍ଜିନିୟର ନୁହେଁ, ଅନେକ ଦେଶବିଦେଶର କାରିଗର, ଶିଳ୍ପୀ ଓ ଇଞ୍ଜିନିୟରମାନେ ଏହି ସ୍ତମ୍ଭକୁ ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି। ସତରେ ଏହା ପଛରେ କ'ଣ ରହିଛି ରହସ୍ୟ, ତାକୁ ଖୋଜିଛନ୍ତି ଅନେକ। କିନ୍ତୁ କେହି ସଫଳ ହୋଇପାରିନାହାନ୍ତି। କୁହାଯାଏ ଯେ ଏହି ସ୍ତମ୍ଭ ପୂର୍ବରୁ ଯେଉଁ ସ୍ଥାନରେ ରହିଥିଲା, ତାହା ସ୍ଥାନ ପରିବର୍ତ୍ତନ କରିଛି। ତେବେ ଏଠାରେ ମନରେ ପ୍ରଶ୍ନ ଆସେ ଯେ ସ୍ତମ୍ଭ ସ୍ଥାନ ପରିବର୍ତ୍ତନ କଲା କେମିତି ? ଆଉ ଏତେ ଇଞ୍ଜିନିୟର ଅଧ୍ୟୟନ କଲେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି କାହିଁକି ବାହାରିପାରି ନାହିଁ। ଆଜି ବି ଷୋଡ଼ଶ ଶତାବ୍ଦୀର ଏ ଝୁଲନ୍ତା ଶବ ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରେ। ତେବେ ଏହି ମନ୍ଦିରକୁ ନେଇ ଅନେକ ରହସ୍ୟମୟ କଥା ରହିଥିବା ଶୁଣାଯାଏ। ପୁରାଣରେ ବର୍ଣ୍ଣନା ରହିଛି ଏହି ମନ୍ଦିରକୁ ଋଷି ଅଗସ୍ତ୍ୟ ନିର୍ମାଣ କରିଥିଲେ। ଆଉ ମନ୍ଦିରରେ ଜଣେ ନୁହେଁ, ଅନେକ ଦେବତାଙ୍କୁ ପୂଜା କରାଯାଏ। ଏଠାରେ ନନ୍ଦି, ଗଣେଶ, ଶିବ, ଭଦ୍ରକାଳୀ, ବୀରଭଦ୍ର, ବିଷ୍ଣୁ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ତେବେ ଏଠାରେ ଥିବା ନନ୍ଦିଙ୍କ ମୂର୍ତ୍ତି ମଧ୍ୟ ଖୁବ୍ ବିସ୍ମୟକର। ଏହା ମୁଖ୍ୟ ମନ୍ଦିରଠାରୁ ପ୍ରାୟ ୨୦୦ ମିଟର ଦୂରରେ ଅବସ୍ଥାନ କରିଛି ଏବଂ ଏହି ବିଶାଳକାୟ ନନ୍ଦି ମୂର୍ତ୍ତି ଗୋଟିଏ ପଥରରେ ନିର୍ମାଣ କରାଯାଇଥିବା କଥା କୁହାଯାଇଥାଏ। ୧୫ ଫୁଟ ଉଚ୍ଚ ଏବଂ ୨୬ ଫୁଟ ଚଉଡ଼ା ଏହି ମୂର୍ତ୍ତି ସବୁବେଳେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଥାଏ। ଏଠାରେ ଦେବଦେବ ମହାଦେବଙ୍କୁ ଅନେକ ରୂପରେ ପୂଜା କରାଯାଇଥାଏ। ଲେପାକ୍ଷୀର ବୀରଭଦ୍ର ମନ୍ଦିରର କାନ୍ଥରେ ଅନେକ ସୁନ୍ଦର ଚିତ୍ର ଦେଖିବାକୁ ମିଳିଥାଏ।

ତେବେ ଲେପାକ୍ଷୀ ସ୍ଥାନର ମଧ୍ୟ ଅନେକ ମହତ୍ତ୍ୱ ରହିଛି। କୁହାଯାଏ ଯେ ରାମାୟଣରେ ମା' ସୀତାଙ୍କୁ ଅପହରଣ କରି ରାବଣର ପୁଷ୍ପକ ବିମାନରେ ଯିବା ସମୟରେ ଜଟାୟୁ ପକ୍ଷୀ ତାଙ୍କୁ ଆକାଶମାର୍ଗରେ ଅବରୋଧ କରିଥିଲେ। ଆଉ ରାବଣର ଆକ୍ରମଣରେ ଜଟାୟୁଙ୍କ ଦୁଇଟି ଡେଣା ନଷ୍ଟ ହୋଇଯାଇଥିଲା। ଆଉ ବିଶ୍ୱାସ ଅନୁସାରେ ଜଟାୟୁ ଆକାଶରୁ ଏହି ସ୍ଥାନରେ ଭୂମିରେ ପତିତ ହୋଇଥିଲା। ପ୍ରଭୁ ରାମଚନ୍ଦ୍ର ଜଟାୟୁଙ୍କୁ ଏହି ସ୍ଥାନରେ ଦେଖି ଭୂମିରୁ ଉଠିବା ପାଇଁ କହିଥିଲେ, ଯାହାକୁ ତେଲୁଗୁ ଭାଷାରେ ଲେପାକ୍ଷୀ ବୋଲି କୁହାଯାଏ। ସେହିଦିନଠାରୁ ଏହି ସ୍ଥାନର ନାଁ ରହିଛି ଲେପାକ୍ଷୀ। ତେବେ ପୁରାଣ ଅନୁସାରେ ଋଷି ଅଗସ୍ତ୍ୟ ଏହି ସ୍ଥାନରେ ଅନେକ ଦିନ ଧରି ଅବସ୍ଥାନ କରିଥିଲେ। ଆଉ ତାଙ୍କଦ୍ୱାରା ଏହି ସ୍ଥାନର ଚିତ୍ରକଳା ଅଙ୍କିତ ହୋଇଥିବା ମଧ୍ୟ ବିଶ୍ୱାସ କରାଯାଏ। କିନ୍ତୁ ସେହି ଝୁଲନ୍ତା ଶବକୁ ନେଇ ସବୁବେଳେ ରହିଛି ରହସ୍ୟ। ସବୁବେଳେ ମନରେ ରହିଛି ଉତ୍କଣ୍ଠା। କିଏ ସେହି କାରିଗର ଯିଏ ଛାତ ସହ ଲଗାଇ ମଧ୍ୟ ପିଲରକୁ ଚଟାଣ ସହ ଲଗାଇନି,


ଭୂଇଁରୁ ଛାଡ଼ି ରହିଥିବା ସ୍ତମ୍ଭ

ଯାହା ଆଶ୍ଚର୍ଯ୍ୟ କରିଥାଏ ସମସ୍ତଙ୍କୁ। ମନରେ ଅନେକ ପ୍ରଶ୍ନ ଆସିଥାଏ। ଏହା କୌଣସି ଯାଦୁଗରୀ ତ ନୁହଁ, ନା ଏହା ଏହା ହେଉଛି ଈଶ୍ୱରଙ୍କ ମହିମା। ପର୍ଯ୍ୟଟକମାନେ ଅନେକ ପ୍ରଶ୍ନ ନେଇ ଏଠାକୁ ଆସିଥାନ୍ତି, ଏହି ସ୍ତମ୍ଭକୁ ଦେଖିବା ପରେ ତାଙ୍କ ମନରେ ଥିବା ବିଶ୍ୱାସ ଆହୁରି ନିବିଡ଼ ହୋଇଯାଇଥାଏ। ଏହି ସ୍ତମ୍ଭ ତଳକୁ କପଡ଼ା ନେଲେ କୁଆଡ଼େ ଜୀବନର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ସେଇ ବିଶ୍ୱାସରେ ଯେଉଁମାନେ ଏଠାକୁ ଆସିଥାନ୍ତି, ସେମାନେ ମନ ଭିତରେ ଅନେକ ପ୍ରଶ୍ନ ନେଇ ମଧ୍ୟ ଫେରିଯାଆନ୍ତି।

---

ପ୍ରତ୍ୟେକ ଦେଶ ନିଜ ନିଜର ଐତିହ୍ୟ, ସଂସ୍କୃତି, ଚଳଣି, ଭାଷା ଓ ରୁଚିକୁ ନେଇ ଗର୍ବ ଅନୁଭବ କରନ୍ତି। ସେଥିପାଇଁ ନିଜ ମାଟିର ମୂଳଦୁଆ ଉପରେ ଦଣ୍ଡାୟମାନ କିର୍ତ୍ତିରାଜି ସହ ସେଠାକାର ଜଳବାୟୁ ଓ ଭୌଗୋଳିକ ସ୍ଥିତି ସମ୍ପର୍କରେ ସମଗ୍ର ବିଶ୍ୱକୁ ଜଣାଇବା ନିମନ୍ତେ ଭିନ୍ନ ଭିନ୍ନ ବାଗରେ ପ୍ରଚାର ପ୍ରସାର କରିଥାନ୍ତି। ବ୍ୟସ୍ତମୟ ଜୀବନରେ କର୍ମଜଞ୍ଜାଳରୁ କିଛି ମୁହୂର୍ତ୍ତ ଦୂରକୁ ଯାଇ ଶାନ୍ତି ଖୋଜୁଥିବା ମଣିଷ ଚାହେଁ ଦେଶ ବିଦେଶରେ ବୁଲିବାକୁ। ସେ ଭିତରେ ଆମ ଦେଶ ଭାରତର ଐତିହ୍ୟ ଅତି ଉନ୍ନତ ଓ ଏହାର ସଂସ୍କୃତି ଖୁବ୍ ଭିନ୍ନ। ନଦନଦୀ, ପାହାଡ଼ପର୍ବତ, ଝରଣା ଓ ଅସୁମାରୀ ମନ୍ଦିର ସହ ଭିନ୍ନ ଭିନ୍ନ ତୀର୍ଥସ୍ଥଳ ଆମକୁ ସଗର୍ବେ ଭାରତୀୟ ଭାବେ ଗର୍ବ କରିବାର ପ୍ରେରଣା ଯୋଗାଇଥାଏ। ଆମର ଖାଦ୍ୟ, ରୁଚି ଓ ପୋଷାକର ମାର୍ଜିତପଣ ହିଁ ଆମକୁ ବିଶ୍ୱରେ ନିଆରା ପରିଚୟ ଦିଏ। ସେ ଭିତରେ ଆମ ରାଜ୍ୟ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବିଶ୍ୱବିଦିତ। ଏ ମାଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଅର୍କକ୍ଷେତ୍ର କୋଣାର୍କ, ମରାଳମାଳିନୀ ଚିଲିକା, ଖଣ୍ଡାଧାର, ଡୁଡୁମା ଜଳପ୍ରପାତ, ଦଣ୍ଡକାରଣ୍ୟ, ଭିତରକନିକା, ମାଣିକେଶ୍ୱରୀ, ସମଲେଶ୍ୱରୀ, ଚର୍ଚ୍ଚିକା, ମା' ତାରାତାରିଣୀ, ମା'ଶାରଳା, ମା'ମଙ୍ଗଳା, ମା' ଭଗବତୀ, ଶିମିଳିପାଳ, ନନ୍ଦନକାନନ, ଧଉଳି, ଖଣ୍ଡଗିରି ପରି ଅସଂଖ୍ୟ ପର୍ଯ୍ୟଟନ କେନ୍ଦ୍ର ଓ ତୀର୍ଥସ୍ଥାନ ପୂରି ରହିଛି। ଯେଉଁଠାକୁ ଦେଶ ବିଦେଶରୁ ଅଗଣିତ ପର୍ଯ୍ୟଟକ ବୁଲି ଆସନ୍ତି। ଯାହାଫଳରେ ରାଜ୍ୟ ପର୍ଯ୍ୟଟନରେ ଅଭିବୃଦ୍ଧି ଘଟିବା ସହ ଏହା ଆମ ଓଡ଼ିଶାର ଆର୍ଥିକ ପ୍ରଗତିର ଏକ ବିଶେଷ ଅଙ୍ଗ। ଆଗକୁ ପିକ୍‌ନିକ୍ ଋତୁ ଆସୁଛି। ତେଣୁ ଆମ ରାଜ୍ୟର ମନଲୋଭା ପର୍ଯ୍ୟଟନକେନ୍ଦ୍ରଗୁଡ଼ିକ ବୁଲିଗଲେ ମନ ହାଲ୍‌କା ଲାଗିବା ସହ ନିଶ୍ଚୟ ଆନନ୍ଦ ମିଳିବ। ଆସନ୍ତୁ, ଏଥର କିଛି ଦର୍ଶନୀୟ ସ୍ଥାନ ବୁଲିଯିବା...

ଉପସ୍ଥାପନା : ଶତାବ୍ଦୀ ପ୍ରିୟଦର୍ଶିନୀ

ପାର୍ବଣ ଋତୁ ପରେ ଓଡ଼ିଶାରେ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଯାଏ । ବ୍ୟସ୍ତମୟ ଜୀବନରୁ ବାହାରି କିଛି ସମୟ ପ୍ରକୃତିର କୋଳରେ ବିତାଇ ମଣିଷ ନିଜକୁ ସତେଜ କରିଥାଏ। ଏମିତି ଦେଖିବାକୁ ଗଲେ ସହର ହେଉ ବା ଗାଁ ଠାରୁ ଟିକେ ଦୂରରେ ଥିବା ସବୁଜିମା ପରିବେଶ ମଧ୍ୟରେ ଆବଦ୍ଧ ଜଳପ୍ରପାତ ଓ ସବୁଜିମା ଜଙ୍ଗଲ ଆବାଳ ବୃଦ୍ଧବନିତାଙ୍କୁ ଆକୃଷ୍ଟ କରିଥାଏ। ଝରଝର ହେଇ ଝରିଯାଉଥିବା ଝରଣାର ସ୍ୱରରେ ମତୁଆଲ ହୋଇ ଉଠନ୍ତି ଦର୍ଶକ। ଏହାସହ ସେଠାରେ ବଣଭୋଜି କରିବାର ଅନୁଭୂତି ବି ମନରେ ଆନନ୍ଦର ପ୍ରବାହ ଖେଳାଇଥାଏ। ଓଡ଼ିଶାରେ ଏମିତି ଅନେକ ଜଳପ୍ରପାତ ଓ ପିକିନିକ୍ ସ୍ପଟ୍ ରହିଛି ଯାହା ସର୍ବଦା ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ଆସନ୍ତୁ ସାରା ରାଜ୍ୟରେ ଥିବା ଜଳପ୍ରପାତ ମଧ୍ୟରୁ କିଛି ପ୍ରମୁଖ ଜଳପ୍ରପାତ ଓ ପିକିନିକ୍ ସ୍ପଟ୍‌କୁ ନେଇ ଏ ସପ୍ତାହର ଉପସ୍ଥାପନା।



## ଖଣ୍ଡାଧାର

ଜଳପ୍ରପାତ କହିଲେ ପ୍ରଥମେ କେନ୍ଦୁଝରର ଜିଲ୍ଲାର ଖଣ୍ଡାଧାର କଥା ସମସ୍ତଙ୍କ ମନକ ଆସିଥାଏ। କେନ୍ଦୁଝର ସହରଠାରୁ ଏହାର ଦୂରତା ପ୍ରାୟ ୬୦ କିମି। ବାଂଶପାଳ ବ୍ଲକ ଅର୍ନ୍ତଗତ କାଦକଳା ପଞ୍ଚାୟତରେ ଏହି ମନୋରମ ଜଳପ୍ରପାତ ରହିଛି। ଏହି ଜଳପ୍ରପାତଟି ଖଣ୍ଡାର ଧାର ଭଳି ପ୍ରାୟ ୭୦୦ ଫୁଟ ଉଚ୍ଚ ପାହାଡ଼ରୁ ଝରଣା ଜଳ ପଡୁଥିବା ହେତୁ ଏହାର ଏପରି ନାମକରଣ ହୋଇଛି । ଏହାକୁ ଦେଖି ଦର୍ଶକଙ୍କ ମନରେ ରୋମାଞ୍ଚ ଭରିଯାଇଥାଏ। ଏଠାରେ ବଣଭୋଜି କରିବା ପାଇଁ ସମସ୍ତ ସୁବିଧା କରାଯାଇଛି। ଏଠାକୁ ଆସିବା ପାଇଁ ବର୍ଷତମାମ ଯାତାୟାତର ସୁବିଧା ରହିଛି।


ଖଣ୍ଡାଧାର

## ସରାଙ୍ଗ

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିକଟସ୍ଥ ସରାଙ୍ଗ ବାହ୍ମଣୀ କୂଳରେ ଥିବା ୫୫ ଫୁଟର ବିଷ୍ଣୁଙ୍କ ଅନନ୍ତ ଶୟନ ମୂର୍ତ୍ତି ଭାରତର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଏହି ମୂର୍ତ୍ତିଟି ସମ୍ପୂର୍ଣ୍ଣ ଶୟନ ମୁଦ୍ରାରେ ଥିବାବେଳେ ନାଭିରୁ ବାହାରି ଥିବା ଏକ କମଳ ଉପରେ ବ୍ରହ୍ମା ଉପବେସନ କରିଛନ୍ତି ଏବଂ ମୂର୍ତ୍ତିର ପାଦଦେଶରେ ମା' ଲକ୍ଷ୍ମୀ ରହିଥିବା ଦେଖିବାକୁ ମିଳେ। ମୂର୍ତ୍ତିର ମସ୍ତକରେ ଶେଷନାଗ ଥିବାବେଳେ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ରହିଛି। ଏମିତି ଏକ ଦୁର୍ଲ୍ଲଭ ମୂର୍ତ୍ତିକୁ ଦେଖିବା ପାଇଁ ପ୍ରତିବର୍ଷ ଏଠାକୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ଏହାକୁ ଲାଗି ବୁଦୁବୁଦିଆ ଜଙ୍ଗଲ ରହିଛି। ଏଠାରେ ବଣଭୋଜି କରିବା ପାଇଁ ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥାଏ।


ବିଷ୍ଣୁଙ୍କ ଅନନ୍ତ ଶୟନ

## ଭୀମକୁଣ୍ଡ

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍‌ରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଜଳପ୍ରପାତ ଭୀମକୁଣ୍ଡ ଅବସ୍ଥିତ। ଏଠାରେ ପ୍ରବାହିତ ହେଉଥିବା ବୈତରଣୀ ନଦୀ ଏଠାରେ ସଂକୀର୍ଣ୍ଣ ହୋଇ ଏକ ବିଶାଳ ଭୂପୃଷ୍ଠ ଶିଳାସ୍ତରରୁ ତଳକୁ ପଡିଛି। ପ୍ରାୟ ୩୦୦ ମିଟର ନଦୀରେ ପ୍ରବାହିତ ସଂକୀର୍ଣ୍ଣ ଜଳଧାରକୁ ଦୁଇ ଭାଗକୁ ବଡ଼ ବଡ଼ ପଥରମାନ ଘେରି ରହିଛି। ଏହି ସ୍ଥାନରେ ତିନୋଟି କୁଣ୍ଡ ରହିଛି । ଶେଷ କୁଣ୍ଡଟି ବଡ଼ ହୋଇଥିବା ସହ ପ୍ରାୟ ଏଥିରୁ ଜଳଧାରା ୫୦ଭାଗ ଭୂତଳରେ ୧୨ କିମି ଯାଇ ସୁନାଖମ୍ବଠାରେ ନିର୍ଗତ ହେଉଛି । ଏଠାରେ ଭ୍ରମଣ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ସୁବିଧା କରିଛନ୍ତି। ଭୀମକୁଣ୍ଡର ଚାରିପାଖରେ ଥିବା ଶାଳଗଛ ଜଙ୍ଗଲ ଏହାର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ। ନଭେମ୍ବରଠାରୁ ଜାନୁଆରୀ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଏହି ସ୍ଥାନକୁ ପିକିନିକ୍ କରିବା ପାଇଁ ଆସିଥାନ୍ତି। ଗମନାଗମନର ସୁବ୍ୟବସ୍ଥା ଏଠାରେ କରାଯାଇଛି । ପାଖରେ ଥିବା ଶାଳ ଜଙ୍ଗଲରେ ବଣଭୋଜି କରିବାର ସମସ୍ତ ସୁବିଧା ରହିଛି ।

## ବଡ଼ ଦେବତା ପୀଠ

କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକର ପାଡୁଆରେ ଥିବା ବଡ଼ଦେବତା ପୀଠ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ପିକ୍‌ନିକ୍ ଋତୁରେ ଏଠାକୁ ରାଜ୍ୟ ସମେତ ପଡ଼ୋଶୀ ରାଜ୍ୟମାନଙ୍କରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏଠାରେ ଥିବା ପ୍ରକୃତର ଅଦ୍ଭୁତ ମନୋରମ ସବୁଜିମା ପାହାଡ଼, ଜଙ୍ଗଲ ଓ ପାଡୁଆ ଜଳଭଣ୍ଡାର ଆର୍କଷିତ କରିଥାଏ । ଏଠାରେ ରହୁଥିବା ସରଳ ଆଦିବାସୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଏହି ସ୍ଥାନ ପ୍ରତି ଲୋକଙ୍କ ଆର୍କଷଣକୁ ଆହୁରି ବଢ଼ାଇ ଦେଇଥାଏ। ପାହାଡ଼ରେ ଚାଷ କରାଯାଇଥାବା ତାଜା ପନିପରିବା ଓ ଜଳଭଣ୍ଡାରରୁ ଧରା ହେଉଥିବା ମାଛ ବଣଭୋଜିର ମୁଖ୍ୟ ଅଂଶ ହୋଇଥାଏ। ଏଠାରୁ ଦୁଇ କିମି ପର୍ଯ୍ୟନ୍ତ କୌଣସି ଜନବସତି ନଥିବାରୁ ଛୋଟଛୋଟ ଜଙ୍ଗଲୀ ଯନ୍ତୁ ଦେଖିବାକୁ ମିଳିଥାନ୍ତି। ଏମାନଙ୍କ ମଧ୍ୟରୁ ଠେକୁଆ, ବାରହା ଓ ମୟୂର ରହିଛନ୍ତି। ଜଳଭଣ୍ଡାରରେ ନୌକାବିହାର ଏହି ସ୍ଥାନର ପ୍ରମୁଖ ଆର୍କଷଣ।

## ସୀତାକୁଣ୍ଡ

ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍‌ରେ ଥିବା ବଣ୍ଡାଘାଟି ଏକ ନିଆରା ପର୍ଯ୍ୟଟନସ୍ଥଳୀ ଭାବେ ରାଜ୍ୟ ତଥା ରାଜ୍ୟ ବାହାରେ ପରିଚିତ। ବଣ୍ଡାମାନଙ୍କ ବେଶଭୂଷା, ପର୍ବପର୍ବାଣୀ, ପ୍ରକୃତିର କୋଳରେ ବଂଚିବାର ନିଆରା ଜୀବନଶୈଳୀ ବିଷୟରେ ଜାଣିବା ପାଇଁ ସମସ୍ତେ ବର୍ଷସାରା ଏହିଠାରେ ଭିଡ଼ ଜମାଇଥାନ୍ତି। ବଣ୍ଡାଘାଟି ପାହଡ଼ର ଶୀର୍ଷରେ ପୂଜା ପାଉଛନ୍ତି ବଣ୍ଡା ଆଦିବାସୀଙ୍କ ଅଧିଷ୍ଠାତ୍ରୀ ଦେବୀ ଡାଲ୍‌ଖାଇ ଠାକୁରାଣୀ। ଏହି ପାଖରେ ଥିବା ଝରଣାରେ ଥିବା କୁଣ୍ଡ ସୀତାକୁଣ୍ଡ ନାମରେ ନାମିତ। ପୁରାଣ ଓ ଲୋକକଥା ଅନୁସାରେ ବନବାସ ସମୟରେ ପ୍ରଭୁ ରାମଚନ୍ଦ୍ର ଏଠାକୁ ଆସିଥିଲେ। ଏହି ଝରଣା ନିକଟସ୍ଥ କୁଣ୍ଡରେ ମା' ସୀତା ଗାଧୋଇଥିବା ହେତୁ ଏହି କୁଣ୍ଡର ନାମ ସୀତାକୁଣ୍ଡ ହୋଇଛି। ଏଠାରେ ମଧ୍ୟ ବଣଭୋଜି ପାଇଁ ସମସ୍ତ ପ୍ରକାରର ସୁବିଧା ରହିଛି। ପାଖ ଝରଣାରେ ଗାଧୋଇବାର ମଜା ନିଜେ ପାଇଛି, ସିଏ ଜାଣିଛି।


ସୀତାକୁଣ୍ଡ

